ଆଜି - ମଙ୍ଗଳବାର
ତାରିଖ - ୩୦ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୧୬
ତିଥି - ପୂର୍ଣ୍ଣିମା ମଳ , ପକ୍ଷ- ଶୁକ୍ଳ
ନକ୍ଷତ୍ର - ପୂର୍ବାଷାଢ଼ା, ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୪: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ନିଜର ପଡ଼ୋଶୀମାନଙ୍କୁ ନିଜ ଭଳି ଭଲପାଅ, କାରଣ ତୁମେ ନିଜେ ହିଁ ତୁମର ପଡ଼ୋଶୀ । ତୁମର ପଡ଼ୋଶୀ ତୁମେ ନିଜେ ନୁହେଁ, ଅନ୍ୟ କେହି ବୋଲି ଭାବିବା ତୁମର ଭ୍ରମ । "

- ସର୍ବପଲ୍ଲୀ ରାଧାକ୍ରିଷ୍ଣନ


E-News : www.Ajikali epaper.com

Vol.- 41 ISSUE- 77 R.N.I. REGD. No. 44026/86 ବାଲେଶ୍ୱର ୩୦ ଜୁନ୍ ୨୦୨୬ ମଙ୍ଗଳବାର BALASORE 30 JUNE 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି, ଲକ୍ଷାଧିକ ଭକ୍ତଙ୍କ ସମାଗମ

ପୁରୀ : ଆରମ୍ଭ ହଲା ଗଜ ବେଶ । ହଜାର ହଜାର ଶ୍ରଦ୍ଧାଳୁ ଆଜି ପହଁଚି ଯାଇଥିଲେ ପୁରୀ । ଘଂଟ ଘଂଟା ଓ ହରିବୋଲି ହୁଳହୁଳି ଧ୍ୱନିରେ କମ୍ପି ଉଠିଥିଲା ଶ୍ରୀକ୍ଷେତ୍ର । ଆଧ୍ୟାତ୍ମିକପୁରୀ : ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନରୁ ଧାଡି ପହଣ୍ଡିରେ ସ୍ନାନବେଦୀରେ ବିରାଜମାନ କରିଛନ୍ତି । ଆଜି ମହାପ୍ରଭୁଙ୍କ ଜନ୍ମଦିନ । ସ୍ନାନ ବେଦୀରେ ୧୦୮ ଗରା ଅଭିମନ୍ତ୍ରିତ ଅଧିବାସ ଜଳରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କୁ ୩୫ ଗରା, ଶ୍ରୀବଳଭଦ୍ରଙ୍କୁ ୩୩ ଗରା, ମା ସୁଭଦ୍ରାଙ୍କୁ ୨୨ଗରା ଓ ପ୍ରଭୁ ସୁଦର୍ଶନଙ୍କୁ ୧୮ ଗରାରେ ସ୍ନାନ କରିଥିଲେ । ଅପରାହ୍ନରେ ଶ୍ରୀବିଗ୍ରହ ମାନଙ୍କୁ ଦୁର୍ଲଭ ହାତୀବେଶରେ ସଜ୍ଜିତ କରାଯାଇଥିଲା । ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳିରେ ଶ୍ରୀମନ୍ଦିର ବାହାର ଓ ଭିତର ପ୍ରକମ୍ପିତ ହୋଇଥିଲା । ଭିତରଚ୍ଛୁ ତଳୁଛ, ଦଇତାପତି, ଖୁଂଟିଆ, ପୁଷ୍ପାଳକ, ମେକାପ ସେବକ ଶ୍ରୀବିଗ୍ରହମାନଙ୍କୁ ହାତୀବେଶରେ ସଜ୍ଜିତ କରିଥିଲେ । ମହାରାଷ୍ଟ୍ରର ଗଣପତି ଭକ୍ତ ହାତୀବେଶ ନଦେଖି ଫେରି ଯାଉଥିବା ବେଳେ ମହାପ୍ରଭୁଙ୍କ ଶୂନ୍ୟବାଣୀ ଶୁଣି ଗଣପତି ଫେରିଆସି ସ୍ନାନ ବେଦୀରେ ହାତୀବେଶ ଦେଖି କୃତ୍ୟ କୃତ୍ୟ ହୋଇଯାଇଥିଲେ ।ସେହିଦିନ ଠାରୁ ପ୍ରଭୁଙ୍କୁ ହାତୀବେଶ କରାଯାଉଛି । ସ୍ନାନ ବେଦୀରେ ପ୍ରଭୁଙ୍କୁ ଗଜାନନ ବେଶରେ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ରାଘବଦାସ ମଠ ପକ୍ଷରୁ ଏହି ହାତୀବେଶ ସରଞ୍ଜାମ ଅର୍ପଣ କରାଯାଇଥିଲା । ଅକ୍ଷୟ ତୃତୀୟା ଠାରୁ ହାତୀବେଶ ପ୍ରସ୍ତୁତି ଆରମ୍ଭ ହୋଇଥିଲା ।ସୋଲ, ଜରି ଜମ୍ବୁରା, କଦଳୀ ପାଟୁକା, କଇଥ ଅଠାରେ କାରିଗର ମାନେ ହାତୀବେଶ ପ୍ରସ୍ତୁତ କରିଥିଲେ । କିଆଫଳି, ଚନ୍ଦ୍ର ସୂର୍ଯ୍ୟ, ଡାଳି, କାନ, ଥୋଡ, ହାଣ୍ଡିଆ ଆଦି ହାତୀବେଶରେ ବ୍ୟବହୃତ ହୋଇଥିଲା । ସ୍ନାନ ପୂର୍ଣ୍ଣିମାରେ ଶ୍ରୀମନ୍ଦିର ଗୁମୁଟ, ସ୍ନାନବେଦୀ, ମନ୍ଦିର ଚାରିଦ୍ୱାର ସୁବାସିତ ପୁଷ୍ପରେ ସଜ୍ଜିତ ହୋଇଥିଲା । ଶ୍ରୀମନ୍ଦିର ଚାରିପଟ ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହେବା ସହ ସ୍ନାନବେଦୀରେ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା । ମାର୍କେଟ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ବ୍ୟାରିକେଡ ଭିତରେ ଭକ୍ତ ମାନେ ଧାଡିରେ ଯାଇ ଦର୍ଶନ କରିବା ସହ ଉତରଦ୍ୱାର ଦେଇ ପ୍ରସ୍ଥାନ କରୁଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପାଣି ବଂଟନ ଓ ପାଣି ଛିଂଚନ କରାଯାଇଥିଲା । ଆଜି ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ହାତୀବେଶ ଦର୍ଶନ କରି ମହା ଆନନ୍ଦିତ ହୋଇଥିଲେ । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂଙ୍କ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢୀଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ । ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ମିଳିତ ସହଯୋଗରେ ମହାପ୍ରଭୁଙ୍କ ହାତୀବେଶ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ ଭକ୍ତ ଓ ଶ୍ରଦ୍ଧାଳୁ । ସ୍ନାନ ଯାତ୍ରାପାଇଁ ବଡ଼ଦାଣ୍ଡ ଶ୍ରଦ୍ଧାଳୁଙ୍କ ସମାଗମରେ ପୁରୀ ଉଠିଥିଲା । ବେଶ ଓଲାଗି ହେବା ପରେ ଶ୍ରୀଜିଉମାନଙ୍କୁ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରାଯାଇ ଅଣସର ପିଣ୍ଡିରେ ରଖାଯିବ । ଅଣସର ପିଣ୍ଡିରେ ରହିବା ପରେ ପାରମ୍ପରିକ ରାତି ଅନୁଯାୟୀ ପଟି ଦିଅଁଙ୍କୁ ପଟୁଆରରେ ଅଣାଯାଇ ଅଣସର ପିଣ୍ଡି ସମ୍ମୁଖରୁ ଦଶବତାର ପଟି ନିକଟରେ ଏହି ପଟି ଦିଅଁଙ୍କୁ ରଖାଯିବ । ଆସନ୍ତାକାଲି ଠାରୁ ଏହି ପଟିଦିଅଁଙ୍କ ସମ୍ମୁଖରେ ସମସ୍ତ ରୀତିନୀତି ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

ପରିବେଶରେ ପ୍ରତ୍ୟୁଷରୁ ଆରମ୍ଭ ହୋଇଥିଲା ସ୍ନାନଯାତ୍ରାର ନୀତିରୀତି । ଧାଡି ପହଣ୍ଡିରେ ଶ୍ରୀଜିଉମାନଙ୍କୁ ନିଆଯାଇଥିଲା ସ୍ନାନମଣ୍ଡପକୁ । ପହଣ୍ଡି ବିଜେ ସମୟରେ ଠାକୁରଙ୍କୁ ଲାଗି ହେଲା ଚୂଳ ଓ ଟାହିୟା । ଟାହିୟା ଶୋଭିତ ଠାକୁରଙ୍କ ଅନୁପମ ରୂପ ଦେଖିବା ପାଇଁ ଭକ୍ତଙ୍କ ମଧ୍ୟରେ ଥିଲା ପ୍ରବଳ ଆଗ୍ରହ । ମଙ୍ଗଳ ଆଳତୀ, ମଇଲମ, ଅବକାଶ ପରେ ଆରମ୍ଭ ହୋଇଥିଲା ସ୍ନାନନୀତି । ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପରେ ୧୦୮ କଳସ ଜଳରେ ସ୍ନାନ କରାଯାଇଥିଲା । ଜଗନ୍ନାଥଙ୍କୁ ୩୫ ଗରା ଓ ବଳଭଦ୍ରଙ୍କୁ ୩୩ ଗରା ଜଳରେ ସ୍ନାନ କରାଯାଇଥିବା ବେଳେ ସୁଭଦ୍ରାଙ୍କୁ ୨୨ ଗରା ଓ ସୁଦର୍ଶନଙ୍କୁ ୧୮ ଗରା ଜଳରେ ଅଭିଷେକ କରାଯାଇଥିଲା ।ଶ୍ରୀଜୀଉଙ୍କ ମହାସ୍ନାନ ପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ପାରମ୍ପରିକ ରମଜାନରେ ବସି ପହଁଚିଥିଲେ ସ୍ନାନ ମଣ୍ଡପରେ । ବିଧି ଅନୁଯାୟୀ ଆରମ୍ଭ ହୋଇଥିଲା ଛେରାପହରାଁ ।ଛେରାପହଁରା ପରେ ଶ୍ରୀଜୀଉମାନେ ଧାରଣ କରିଥିଲେ ଗଜାନନ ବେଶ ବା ହାତୀ ବେଶ । ସ୍ନାନ ମଣ୍ଡପରେ ଜଳ ଲାଗି ସରିବା ପରେ ଚାରି ଠାକୁରଙ୍କ ହାତୀବେଶ କରାଯାଇଥିଲା । ଏହି ବେଶକୁ ଦେଖିବାକୁ ପାଇଁ ଘଂଟା ଘଂଟା ଧରି ଚାହିଁ ବସିଛନ୍ତି ଶ୍ରଦ୍ଧାଳୁ । ଏହି ମନୋରମ ଦୃଶ୍ୟକୁ ବଡଦାଣ୍ଡରେ ଥିବା ଭାବବିହ୍ୱଳ ହୋଇ ଦର୍ଶନ କରିଥିଲେ ଅଗଣିତ ଭକ୍ତ ।



## ସ୍ନାନବେଦୀରେ ଶ୍ରୀଜିଉଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ
### ସାରା ଜଗତର କଲ୍ୟାଣ ପାଇଁ କଲେ ପ୍ରାର୍ଥନା

ପୁର : ସ୍ନାନବେଦୀରେ ଶ୍ରୀଜିଉଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଓଡ଼ିଶାକୁ ସମୃଦ୍ଧ କରିବା ସହ ସାରା ଜଗତର କଲ୍ୟାଣ ପାଇଁ ମହାପ୍ରଭୁଙ୍କ ନିକଟରେ କଲେ ପ୍ରାର୍ଥନା । ଠାକୁରଙ୍କୁ ଦର୍ଶନ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରଥଯାତ୍ରା ସୁରୁଖୁରୁରେ ସମ୍ପନ୍ନ କରିବାକୁ ପ୍ରାର୍ଥନା କରିଛି । ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀକ୍ଷେତ୍ର ଯାଇ ସ୍ନାନବେଦୀରେ ଶ୍ରିଜିଉଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇଛନ୍ତି । ସେ ତାଙ୍କ ଜୀବନରେ ପ୍ରଥମ



ଥର ପାଇଁ ସ୍ନାନପୂର୍ଣ୍ଣିମା ଦେଖିବାର ସୁଯୋଗ ପାଇଥିବା କହିଛନ୍ତି । ଆମ ଦେଶ ତଥା ରାଜ୍ୟ ଓ ସମଗ୍ର ମାନବ ଜାତି ଉପରେ ମହାପ୍ରଭୁଙ୍କ ଆଶୀର୍ବାଦ ରହୁ ବୋଲି କାମନା କରିବା ସହ ସାରା ବିଶ୍ୱର କଲ୍ୟାଣ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରାର୍ଥନା କରିଛନ୍ତି । ସେପଟେ ରଥ ଖଳାକୁ ଯାଇ ମୁଖ୍ୟମନ୍ତ୍ରୀ ରଥ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ । ମୁଖ୍ୟ ବିଶ୍ୱକର୍ମାଙ୍କୁ ରଥ ନିର୍ମାଣ କାର୍ଯ୍ୟ ବିଷୟରେ ପଚାରି ବୁଝିଥିଲେ । ରଥର ବ୍ରେକ ନିର୍ମାଣ କାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ରଥଖଳାରେ ଦେଖି ରଥ ନିର୍ମାଣକାରୀ ସେବକମାନେ ବେଶ୍ ଉତ୍ସାହିତ ହୋଇପଡ଼ିଲେ । ରଥ କାମରେ ଆଉ କିଛି ଅସୁବିଧା ଅଛି କି ନାହିଁ କାରିଗରଙ୍କୁ ପଚାରି ବୁଝିଥିଲେ ।

## ସେଚେଲ୍ସର ୫୦ତମ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ : ସେଚେଲ୍ସର ମହାମହିମ ରାଷ୍ଟ୍ରପତି ଡଃ ପାଟ୍ରିକ୍ ହର୍ମିନିଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସେଚେଲ୍ସର ୫୦ତମ ସ୍ୱାଧୀନତା ଦିବସ ପୂର୍ତ୍ତି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି । ସେଚେଲ୍ସର ସ୍ୱାଧୀନତା ଦିବସ ସମାରୋହରେ ଯୋଗ ଦେଇଥିବା ସେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଭାରତ ଏବଂ ସେଚେଲ୍ସ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୫୦ ବର୍ଷ ପୂର୍ତ୍ତି ପାଳନ କରାଯାଉଥିବାବେଳେ ଏହି ସ୍ୱାଧୀନତା ଦିବସ ସମାରୋହ ଅନୁଷ୍ଠିତ ହେଉଛି । ଏହି ସ୍ୱତନ୍ତ୍ର ଅବସରକୁ ସ୍ମରଣୀୟ କରିବା ନିମନ୍ତେ ସେଚେଲ୍ସ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହରେ ଆୟୋଜିତ ଜାତୀୟ ପରେଡରେ ଭାରତୀୟ ସଶସ୍ତ୍ର ବାହିନୀର ଏକ ପ୍ରତିନିଧି ଦଳ ଅଂଶଗ୍ରହଣ କରିଥିଲା । ଭାରତୀୟ ପ୍ରତିନିଧି ଦଳରେ ଆସାମ ରାଇଫଲ୍ସ, ଭାରତୀୟ ନୌସେନା ଏବଂ ଭାରତୀୟ ନୌସେନା ମାର୍ଚ୍ଚ ବ୍ୟାଣ୍ଡର କର୍ମଚାରୀ ସାମିଲ ଥିଲେ, ଯାହା ଦୁଇ ଦେଶ ମଧ୍ୟରେ ଥିବା ଦୀର୍ଘଦିନର ପ୍ରତିରକ୍ଷା ସହଭାଗିତାକୁ ପ୍ରତିଫଳିତ କରେ । ଏହି ଉତ୍ସବର ଏକ ଅଂଶ ସ୍ୱରୂପ ଏବଂ ପ୍ରଚଳିତ ପରମ୍ପରା ଅନୁଯାୟୀ, ଭାରତୀୟ ନୌସେନାର ଯୁଦ୍ଧଜାହାଜ 'ତର୍କଶ' ଏବଂ 'ଇକ୍ଷକ' ପୋର୍ଟ ଭିକ୍ଟୋରିଆରେ ପହଂଚିଛନ୍ତି । ଏହି ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଅଂଶଗ୍ରହଣ ଦୁଇ ଦେଶ ମଧ୍ୟରେ ଥିବା ଗଭୀର ସହଭାଗିତା ଏବଂ ଦୀର୍ଘଦିନର ବନ୍ଧୁତାକୁ ରେଖାଙ୍କିତ କରେ ।

## ଅମିତ ଶାହଙ୍କ ଉପସ୍ଥିତିରେ ଯମୁନା ଜଳ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟକାରିତା ପାଇଁ ଚୁକ୍ତି ସ୍ୱାକ୍ଷର

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ରାଜସ୍ଥାନ ଏବଂ ହରିୟାଣା ସରକାର ଆଜି ନୂଆଦିଲ୍ଲୀରେ ଯମୁନା ଜଳ ପ୍ରକଳ୍ପର ନିର୍ମାଣ ଏବଂ କାର୍ଯ୍ୟକାରିତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଶ୍ରୀ ଭଜନ ଲାଲ ଶର୍ମା, ହରିୟାଣା ମୁଖ୍ୟମନ୍ତ୍ରୀ ଶ୍ରୀ ନାଏବ ସିଂହ ସାଇନି, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ସି. ଆର. ପାଟିଲ ଏବଂ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଏହି ରାଜିନାମା ଦ୍ୱାରା ଆଜି ହରିୟାଣା ଏବଂ ରାଜସ୍ଥାନର ଲୋକମାନେ ସମ୍ମୁଖୀନ ହେଉଥିବା ପ୍ରାୟ ତିନି ଦଶନ୍ଧି ପୁରୁଣା ଜଳ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହୋଇଛି । ସେ କହିଥିଲେ ଯେ ଏହି ରାଜିନାମା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରଦତ



'ବାର୍ତ୍ତାଳାପ ମାଧ୍ୟମରେ ସମାଧାନ' ମନ୍ତ୍ରର ଏକ ଉତ୍କୃଷ୍ଟ ଉଦାହରଣ । ଏହି ରାଜିନାମା ଦର୍ଶାଏ ଯେ ଯଦି ରାଜ୍ୟଗୁଡ଼ିକ ସହଯୋଗୀ ସଂଘୀୟ ବ୍ୟବସ୍ଥାର ଭାବନା ସହିତ ଆଗକୁ ବଢ଼ନ୍ତି, ତେବେ ତିନି ଦଶନ୍ଧି ଧରି ଚାଲିଥିବା ସମସ୍ୟାର ମଧ୍ୟ ସହଜରେ ସମାଧାନ ହୋଇପାରିବ । ଶ୍ରୀ ଅମିତ ଶାହ କହିଥିଲେ ଯେ ଆଜିର ରାଜିନାମା ଅନୁଯାୟୀ ଜୁଲାଇରୁ ଅକ୍ଟୋବର ମଧ୍ୟରେ ତିନୋଟି ଭୂତଳ ପାଇପଲାଇନ୍ ଜରିଆରେ ଯମୁନା କେନାଲରୁ ରାଜସ୍ଥାନକୁ ପାଖାପାଖି ୫୮ କୋଟି ଘନ ମିଟର (ଏମ୍. ସି. ଏମ୍.) ଜଳ ଯୋଗାଇ ଦିଆଯିବ । ଏହି ତିନୋଟି ପାଇପଲାଇନର ବ୍ୟାସ ୩.୬ ମିଟରରୁ ଅଧିକ ଏବଂ ଏହା ଉଭୟ ରାଜସ୍ଥାନ ଏବଂ ହରିୟାଣାର ଲୋକଙ୍କୁ ପାନୀୟ ଜଳ ଯୋଗାଇବ । ଶ୍ରୀ ଶାହ କହିଥିଲେ ଯେ ଏହି ରାଜିନାମା ଉଭୟ ରାଜ୍ୟ ପାଇଁ ବିଜୟର ଏକ ଉତ୍କୃଷ୍ଟ ଉଦାହରଣ । ଏହି ରାଜିନାମା ଆର୍ଥିକ ଦାୟିତ୍ୱ, ବ୍ୟୟ ବଂଟନ, ଜଳ ଆବଂଟନ, ଜଳ ନିଷ୍କାସନ ପ୍ରୋଟୋକଲ ଏବଂ ରକ୍ଷଣାବେକ୍ଷଣ ବ୍ୟବସ୍ଥା ଉପରେ ଧ୍ୟାନ ଦେଇଛି । ଏହି ବୈଜ୍ଞାନିକ ଦୃଷ୍ଟିରୁ ବ୍ୟାପକ ରାଜିନାମା ଭିତିଭୂମିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ, ତଦାରଖ ବ୍ୟବସ୍ଥା, ସ୍ୱଚ୍ଛତା ପଦକ୍ଷେପ ଏବଂ ଏକ ଦୃଢ ବିବାଦ ସମାଧାନ ପ୍ରଣାଳୀକୁ ମଧ୍ୟ ସୁନ୍ଦର ଭାବରେ ଅନ୍ତର୍ଭୁକ୍ତ କରେ । କେନ୍ଦ୍ର ଗୃହ ମନ୍ତ୍ରୀ କହିଥିଲେ ଯେ ହରିୟାଣା, ରାଜସ୍ଥାନ ଏବଂ ବିଶେଷ କରି କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ରାଜିନାମାର ରୂପରେଖ ଆଗାମୀ ଅନେକ ଦଶନ୍ଧି ପର୍ଯ୍ୟନ୍ତ ବିବାଦ ମୁକ୍ତ ରାଜିନାମା ଭାବେ ତିଷ୍ଠିବ ।

## ଅଳ୍ପରେ ଖବର

▸▸ ନଭି ମୁମ୍ବାଇର ଖଳରଘର ସେକ୍ଟର ୩, ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ଦେବ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି ।

▸▸ ଯୁକ୍ତ ଦୁଇ ରିଚେକିଂ ଓ ରିଆଡମିସନ୍ ପାଇଁ ଆବେଦନ ତାରିଖ ବୃଦ୍ଧି କରିଛି ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚଏସଇ ।

▸▸ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ସବୁ ସ୍କୁଲ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପଠାଯିବ ସଂଶୋଧିତ କପି : ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର: ଭୁଲ୍ ବହିରେ ପିଲା କେମିତି ପଢ଼ିବେ ବହି ପ୍ରତ୍ୟାହାର ହେବ ନା ସେହି ବହିରେ ପଢ଼ିବେ ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଦ୍ୱନ୍ଦ୍ୱରେ ଥିବାବେଳେ ସ୍ପଷ୍ଟ କରିଛନ୍ତି ଗଣଶିକ୍ଷାମନ୍ତ୍ରୀ । ବହି ପ୍ରତ୍ୟାହାର ହେବନି । ସବୁ ସ୍କୁଲକୁ ପଠାଯିବ ସଂଶୋଧିତ କପି । ସେହି କପି ଆଧାରରେ ପିଲା ପାଠପଢ଼ିବେ । ତ୍ରୁଟି ପୂର୍ଣ୍ଣ ବହି ପ୍ରତ୍ୟାହାର, ପୁରୁଣା ବହିରେ ପାଠ ପଢ଼ା ପାଇଁ ବିଭିନ୍ନ ସଂଗଠନର ଦାବି ପରେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ । ନୂଆ ପାଠ୍ୟକ୍ରମ ଅନୁସାରେ ଦୁଇ ମାସ ପଢ଼ିବା ପରେ ଏବେ କଣ କରିବେ, ସେ ନେଇ ଚିନ୍ତାରେ ପଡିଛନ୍ତି । ଏହି ଦ୍ୱନ୍ଦ୍ୱ ଦୂର କରିଛନ୍ତି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । କହିଛନ୍ତି, ଏବେ ସମସ୍ତ ବହିକୁ ପ୍ରତ୍ୟାହାର କରି ନୂଆବହି ଦେବା ସମ୍ଭବ ନୁହେଁ । ଏଣୁ ସମସ୍ତ ସ୍କୁଲ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଖକୁ ସଂଶୋଧିତ ବହିର କପି ପଠାଯିବ । କପି ଆଧାରରେ ପାଠ ପଢ଼ିବେ ଛାତ୍ରଛାତ୍ରୀ । କମିଟି ଯେଉଁ ୧୪ଟି ପଏଂଟ ଦେଇଛି, ସେ ଆଧାରରେ ସଂଶୋଧନ କରାଯିବ ଏବଂ ପିଲାଙ୍କୁ ପାଠ ପଢ଼ାଯିବ । ତଦନ୍ତ ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ଆଗକୁ ମଧ୍ୟ ନିଆଯିବ । ତ୍ରୁଟିପୂର୍ଣ୍ଣ ବହି ପ୍ରତ୍ୟାହାର ହେବନି ବୋଲି ମନ୍ତ୍ରୀ ସ୍ପଷ୍ଟ କରିବା ପରେ ଏବେ ସଂଶୋଧିତ ପୁସ୍ତିକାକୁ ଅପେକ୍ଷା । ତେଣୁ ଯେତେ ଶୀଘ୍ର ସମ୍ଭବ ସବୁ ସ୍କୁଲକୁ ତ୍ରୁଟି ଶୂନ୍ୟ ସଂଶୋଧିତ ପୁସ୍ତିକା ଯୋଗାଇ ଦେବାକୁ ଦାବି କରିଛି ଶିକ୍ଷକ ସଂଘ । ଅନ୍ୟପଟେ ତ୍ରୁଟି ପୂର୍ଣ୍ଣ ବହି ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ପୁଣି ଦାବି ଦୋହରାଇଛି ବିଜେଡି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପା ଯାଇଥିବା ୫୫ଖଣ୍ଡ ନୂଆ ବହିରେ ପ୍ରାୟ ୨ହଜାରରୁ ଅଧିକ ତ୍ରୁଟି ରହିଛି । ଏହା ସାମନାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ରର ଗନ୍ଧ ବାରିଥିଲେ । ଏବଂ ଉଚ୍ଚସ୍ତରୀୟ କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । କମିଟିର ରିପୋର୍ଟ ଆଧାରରେ ୧୦ଜଣଙ୍କ ବିରୋଧରେ ହୋଇଛି କାର୍ଯ୍ୟାନୁଷ୍ଠାନ ।

## ରାଷ୍ଟ୍ରୀୟ ଗ୍ରାମୀଣ ବିକାଶ ସମ୍ମିଳନୀରେ ଯୋଗଦେଲେ କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ : ନୂଆଦିଲ୍ଲୀର ପୁସା କ୍ୟାମ୍ପସରେ ଅନୁଷ୍ଠିତ 'ଗ୍ରାମୋଦୟ ସେ ରାଷ୍ଟ୍ରୋଦୟ' ଶୀର୍ଷକ ଦୁଇ ଦିନିଆ ରାଷ୍ଟ୍ରୀୟ ଗ୍ରାମୀଣ ବିକାଶ ସମ୍ମିଳନୀର ଦ୍ୱିତୀୟ ଦିନରେ, ଗ୍ରାମୀଣ ବିକାଶ ଏବଂ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ, ଶ୍ରୀ ଶିବରାଜ ସିଂହ ଚୌହାନ ୨୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ଗ୍ରାମୀଣ ବିକାଶ ମନ୍ତ୍ରୀଙ୍କ ସହିତ ବ୍ୟାପକ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ପ୍ରମୁଖ ଗ୍ରାମୀଣ ବିକାଶ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ପ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଏହା ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ ମାର୍ଗଦର୍ଶନରେ 'ବିକଶିତ ଗ୍ରାମ - ବିକଶିତ ଭାରତ'ର ଦୃଷ୍ଟିକୋଣକୁ ବାସ୍ତବରେ ପରିଣତ କରିବା ପାଇଁ ଠୋସ୍ ରଣନୀତି ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ସମାବେଶକୁ ସମ୍ବୋଧିତ କରି ଶ୍ରୀ ଚୌହାନ ମନ୍ତବ୍ୟ ଦେଇଥିଲେ ଯେ ଗ୍ରାମଗୁଡ଼ିକ କେବଳ ମାଟି, କ୍ଷେତ ଏବଂ ଗ୍ରାମୀଣ ସଭାସ୍ଥଳର ଏକ ସମୂହ ନୁହେଁ ; ଏହା ଭାରତର ଶକ୍ତି,



ଭାରତର ଚେତନା ଏବଂ ଜାତିର ଭାବନାକୁ ପ୍ରତିନିଧିତ୍ୱ କରେ । ଗ୍ରାମଗୁଡ଼ିକ ସମୃଦ୍ଧ, ଆତ୍ମନିର୍ଭରଶୀଳ ଏବଂ ବିକଶିତ ନ ହେଲେ ସମୃଦ୍ଧ ଏବଂ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ନାହିଁ । ଗ୍ରାମୀଣ ଭାରତର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ । ପ୍ରଥମ ଥର ପାଇଁ, ୨୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ଗ୍ରାମୀଣ ବିକାଶ ମନ୍ତ୍ରୀ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ନୀତି ନିର୍ଦ୍ଧାରକମାନେ ଗ୍ରାମୀଣ ବିକାଶର ଭବିଷ୍ୟତ ବିଷୟରେ ବିଶେଷ ଭାବରେ ଆଲୋଚନା କରିବା ପାଇଁ ଗୋଟିଏ ମଂଚରେ ଏକାଠି ହୋଇଥିଲେ । ଏହି ସମ୍ମିଳନୀରେ ଉତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଶ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟ ଶର୍ମା ତଥା ବିଭିନ୍ନ ରାଜ୍ୟର ଗ୍ରାମୀଣ ବିକାଶ ମନ୍ତ୍ରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ସମ୍ମିଳନୀ ସହଯୋଗ ସଂଘୀୟତାର ପ୍ରକୃତ ଭାବନାକୁ ପ୍ରତିପାଦନ କରିଥିଲା । ଏଥିରେ ରାଜନୈତିକ ମତଭେଦକୁ ଦୂରେଇ ରଖି, ଦେଶବ୍ୟାପୀ ଗ୍ରାମୀଣ ସମ୍ପ୍ରଦାୟର ଲାଭ ପାଇଁ ବିକାଶର ଗତିକୁ ତ୍ୱରାନ୍ୱିତ କରିବା, ଶାସନରେ ଉନ୍ନତି ଆଣିବା ଏବଂ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଆଯାଇଥିଲା ।

# ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ 'ଭିଜନ ବାଲେଶ୍ୱର' ସଂଗଠନ ପକ୍ଷରୁ ପୂଜା ଅର୍ଚ୍ଚନା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.) : ବୃକ୍ଷ ହିଁ ଜୀବନ, ପରିବେଶକୁ ସୁସ୍ଥ ଓ ନିରୋଗ ମୟ ରଖିବା ସହିତ ପ୍ରଦୂଷଣ ମୁକ୍ତ କରିବାର ମହତ ଉଦ୍ଦେଶ୍ୟ ନେଇ 'ଭିଜନ ବାଲେଶ୍ୱର' ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ମଠସାହି, ମଲ୍ଲୀକାଶପୁର ସ୍ଥିତ ଲଣ୍ଡା ଗୋସ୍ୱାମୀ ମଠ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରାରମ୍ଭରେ ସଂଗଠନ ପକ୍ଷରୁ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପ୍ରଭୁ ରାଧାକୃଷ୍ଣଙ୍କ ମନ୍ଦିର ଓ ବାବା ମଲ୍ଲିକେଶ୍ୱର ମହାଦେବଙ୍କ ଠାରେ ପୂଜା ଅର୍ଚ୍ଚନା କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ,ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବି କରୁଣାକର ରଥ,ବାଲେଶ୍ୱର ପୌରପାଳିକାର ପୂର୍ବତନ ଉପନଗର ପାଳ ମନୋଜ ରାଉତ, ସ୍ଥାନୀୟ କାଉନସିଲର ସନ୍ଧ୍ୟାରାଣୀ ଜେନା ପ୍ରମୁଖ ଯୋଗଦେଇ ସଂଗଠନର ଏଭଳି ମହତ ଚିନ୍ତାଧାରା ପାଇଁ ସାଧୁବାଦ ଜ୍ଞାପନ କରିବା ସହିତ ଏହାର ଉତରୋତର ଉନ୍ନତି କାମନା କରିଥିଲେ କ୍ଷ ସଭାପତି ଚନ୍ଦ୍ରକାନ୍ତି ବେହେରା ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଗୋଟିଏ ଗଛ ଲଗାଇବାକୁ ଚେଷ୍ଟା କରିବା ସହିତ ଅନ୍ୟ ମାନଙ୍କୁ ଗଛ ଲଗାଇବା ପାଇଁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ । ସମ୍ପାଦକ ଧୀରେଜ କୁମାର ଦାସ ବିଶ୍ୱକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସଂଗଠନ ପକ୍ଷରୁ ଏହା ଏକ ଛୋଟ ପ୍ରୟାସ ଏବଂ ଏହିଭଳି ପ୍ରୟାସ ଆଗାମୀ ଦିନରେ ଜାରିରହିବ ବୋଲି କହିଥିଲେ କ୍ଷ ଏହି ଅବସରରେ ଆମ୍ବ,ଲେମ୍ବୁ, ଶପେଟା, ନଡ଼ିଆ,ପିଜୁଳି ଆଦି ବିଭିନ୍ନ ଫଳ ଚାରା ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଗଠନର ଉପସଭାପତି ଭାଗବତ ଦାସ, ରବୀନ୍ଦ୍ର ରାଉତ,ଯୁଗ୍ମ ସମ୍ପାଦକ ଲାଲୁ ରାଜବଂଶୀ, କୋଷାଧକ୍ଷ କାଶୀନାଥ ପଟ୍ଟନାୟକ,ସଂଗଠନ ଆଇନ ପରାମର୍ଶଦାତା ବିଜୟ କୁମାର ମହାନ୍ତି,ବରିଷ୍ଠ ସଦସ୍ୟ ସ୍ନେହଲତା ଦାସ, ସନ୍ତୋଷ ମିଶ୍ର,ସାଂସ୍କୃତିକ ସମ୍ପାଦକ ଜାନୁ ମୁଖୀ,ଉପଦେଷ୍ଟା ଜିତେନ୍ଦ୍ର ମହାନ୍ତି,ନନ୍ଦନ ପାଲ, କୁନାଲ ବେହେରା,ଅଜୟ ନାୟକ,ସୁଜିତ ସ୍ୱାଇଁ (ଜିତୁ )ନିତ୍ୟାନନ୍ଦ ମିଶ୍ର, ବିରଂଚି ନାରାୟଣ ପ୍ରଧାନ, ସୁଦୀପ୍ତ ମହାନ୍ତି,ଅର୍ଦ୍ଧେନ୍ଦୁ ମିଶ୍ର, ଅନ୍ୟ ସଦସ୍ୟଙ୍କ ମଧ୍ୟରେ ପ୍ରମୋଦ ସାହୁ,ତରୁଣ ଦାସ, ଶରତ ଚନ୍ଦ୍ର ବାରିକ, ସଂଜିତ ଘୋଷ, ବୁଦ୍ଧେଶ୍ୱର ମଲ୍ଲିକ, କାହ୍ନା, ବବଲୁ ଙ୍କ ସମେତ ବହୁ କର୍ମକର୍ତା ଉପସ୍ଥିତ ରହି ୩୦ରୁ ଉର୍ଦ୍ଧ ଚାରା ବୃକ୍ଷ ରୋପଣ କରିଥିଲେ । ସଂଗଠନ ପକ୍ଷରୁ ପଡିଆର ଚାରି ପଟେ ପାଚେରୀ ହୋଇଥିବାରୁ ସମସ୍ତ ଗଛ ଗୁଡିକ ସୁରକ୍ଷିତ ରହିବା ସହ ରକ୍ଷଣବେକ୍ଷଣ କରିବା ସହଜ ହୋଇପାରିବ ବୋଲି କର୍ମକର୍ତା ମାନେ ପ୍ରକାଶ କରିଛନ୍ତି ।

# ଉଦ୍ୟମୀ ଓଡ଼ିଶା ଏମ୍ ଏସ ଏମ୍ ଇ କାର୍ଯ୍ୟକ୍ରମର ତୃତୀୟ ଦିନ



ବାଲେଶ୍ୱର(ନି.ପ୍ର.) ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱର ଆନୁକୂଲ୍ୟରେ ୫ ଦିନ ବ୍ୟାପି ଚାଲିଥିବା ଉଦ୍ୟମୀ ଓଡ଼ିଶା ଏମ୍ ଏସ ଏମ୍ ଇ କାର୍ଯ୍ୟକ୍ରମ ଆଜି ତୃତୀୟ ଦିବସରେ ସ୍ଥାନୀୟ ନୋସି ବିଜନେସ ପାର୍କ ଠାରେ 'ବିପଣନ, ଡିଜିଟାଲାଇଜେଶନ ଏବିଂ ରପ୍ତାନି ପ୍ରୋତ୍ସାହନ" ଶୀର୍ଷକ ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ବିନିମୟ ଅଧିକାରୀ ଶ୍ରୀ ଦୁର୍ଗା ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ପ୍ରତିଯୋଗିତାମୂଳକ ବଜାରରେ ଉଦ୍ୟୋଗୀମାନଙ୍କ ପାଇଁ ଡିଜିଟାଲ ବିପଣନ, ଇ-କମର୍ସ ଏବଂ ରପ୍ତାନି ସୁଯୋଗର ସଦ୍ ?ବ୍ୟବହାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ଦାସ, ସହକାରୀ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, ମାଣିକଚାନ୍ଦ ଦେ, ସହକାରୀ ପ୍ରାଧ୍ୟାପକ, ଏ ବି ଏ କଲେଜ, ବାଲେଶ୍ୱର ଏବଂ ଧନ ଟୁଡୁ, ସହକାରୀ ନିର୍ଦ୍ଦେଶକ, ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଯୋଗଦେଇ ଏମ୍ ଏସ ଏମ୍ ଇ କ୍ଷେତ୍ରର ବିକାଶ, ଅନଲାଇନ ବ୍ୟବସାୟ, ବ୍ରାଣ୍ଡିଂ ଏବଂ ରପ୍ତାନି ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଉପସ୍ଥିତ ଅଂଶଗ୍ରହଣକାରୀମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଜିଲ୍ଲାର ଅନ୍ୟୁନ ୧୦୦ ଜଣ ଉଦ୍ୟୋଗୀ ଓ ଆତ୍ମନିର୍ଭର ପ୍ରତି ଆଗ୍ରହୀ ଯୁବକ-ଯୁବତୀମାନେ ଏହି କର୍ମଶାଳାରେ ଯୋଗଦେଇଥିଲେ । ଏ ହ ି କାର୍ଯ୍ୟକ୍ରମରେ ପୂର୍ଣ୍ଣେନ୍ଦୁ କର ମଂଚ ସଂଚାଳନ କରିଥିବା ବେଳେ କ୍ଷୀତିଶ ପଣ୍ଡା, ଅମରଜ୍ୟୋତି କବି, ଅଂଶୁମାନ ବେହେରା, ଅଭିଷେକ ଜେନା, ଭବାନୀ ଶଙ୍କର ପାତ୍ର, ସତ୍ୟବ୍ରତ ନାୟକ, ସମୀକ୍ଷା ସେନାପତି, ରାହାଲ ହାଁସଦା ପ୍ରମୁଖ ସହଯୋଗ କରିଥିଲେ ।

ପରିଶେଷରେ ଶ୍ରୀମତୀ ମମତା ପରିଡ଼ା ଧନ୍ୟବାଦ ଅର୍ପଣ କରି ସମସ୍ତ ଅତିଥି, ଅଂଶଗ୍ରହଣକାରୀ ଏବଂ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ

ବାଲେଶ୍ୱର(ନି.ପ୍ର.)ଆଜି ପୂର୍ବାହ୍ନ ଘ: ୧୦.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ସୋର ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସୋର ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୧୪୧ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୩୭ ଗୋଟି ବ୍ୟକ୍ତିଗତ ଓ ୨ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ଦେବଜ୍ୟୋତୀ ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ବିଡିଓ, ସୋର ଶ୍ରୀଯୁକ୍ତ ସୁବ୍ରତ କୁମାର ବେହେରା, ଭାରପ୍ରାପ୍ତ ତହସିଲଦାର, ଶ୍ରୀଯୁକ୍ତ କୃଷ୍ଣ ମୋହନ ସିଂହ, ନିର୍ବାହୀ ଅଧିକାରୀ, ସୋର ମ୍ୟୁନିସିପାଲଟି ଶ୍ରୀଯୁକ୍ତ ବିଶ୍ୱରଂଜନ ପ୍ରଧାନଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।



# ଇମାମୀ ନଗର ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତିଙ୍କ ମହାସ୍ନାନ ଯାତ୍ରା ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ରେମୁଣା ବାଲଗୋପାଳପୁର ଶିଳ୍ପାଂଚଳସ୍ଥିତ ଇମାମୀ ନଗର ଜଗନ୍ନାଥଙ୍କ ମନ୍ଦିରରେ ଚତୁର୍ଦ୍ଧା ମୂର୍ତିଙ୍କର ମହାସ୍ନାନ ଯାତ୍ରା, ସ୍ନାନବେଦୀରେ ଅଗଣିତ ଭକ୍ତଙ୍କ ଦର୍ଶନ ଲାଭ । ପୂର୍ବ ନିର୍ଦ୍ଧାରିତ ନୀତିକାନ୍ତି ଅନୁଯାୟୀ ପୁରୀ ଶ୍ରୀକ୍ଷେତ୍ର ନିୟମ ମୁତାବକ ପ୍ରାତଃରେ ମଙ୍ଗଳା ଅର୍ପଣ ଓ ଆଜ୍ଞାମାଳ, ଧାଡ଼ିପହଣ୍ଡି ସ୍ନାନ ବେଦିରୁ ମଙ୍ଗଳ ଆରତି, ଅବକାଶ ମଇଲମ, ବଲ୍ଲଭ ଭୋଗ, ସୁବର୍ଣ୍ଣ କୂପ ପୂଜା, କଳସ ଅଧିବାସ ଅନୁଷ୍ଠିତ ପରେ ଦିବା ୧୧ଟା ୧୪ ମିନିଟ୍‌ରେ ୧୦୮ କଳସ ମନ୍ତ୍ରିତ ସୁବାସିତ ଜଳରେ ଶ୍ରୀଜୀଉ ଚତୁର୍ଦ୍ଧା ମୂର୍ତିଙ୍କର ମହାସ୍ନାନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ୧୨ ଘଟିକା ୩୫ ମିନିଟ୍‌ରେ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ଇମାମୀ ଗ୍ରୁପ୍ ?ର ପ୍ରତିଷ୍ଠାତା ଓ ଯୁଗ୍ମ ଅଧକ୍ଷ ଶ୍ରୀ ରାଧେଶ୍ୟାମ ଗୋଏଁଙ୍କାଙ୍କ ଦ୍ୱାରା ଛେରା ପହଁରା ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୧ଘଟିକା ୪୫ ମିନିଟ୍‌ରେ ମହାପ୍ରଭୁ ସୁସଜ୍ଜିତ ଗଜାନନ ବେଶରେ ହଜାର ହଜାର ଭକ୍ତଗଣଙ୍କୁ ଦର୍ଶନ ଦେଇଥିଲେ । ସେହିପରି ଅପରାହ୍ନ ୩ଘଟିକା ୦୨ ମିନିଟ୍‌ରେ ମହାପ୍ରଭୁଙ୍କର ଛପନଭୋଗ ଲାଗିଥିଲା । ସନ୍ଧ୍ୟା ୬ଟା ୪୫ରେ ସନ୍ଧ୍ୟା ଆରତୀ ଏବଂ ୮ ଘଟିକା ୩୦ମିନିଟ୍‌ରେ ସ୍ନାନ ବେଦୀରୁ ଗୋଟିପହଣ୍ଡିରେ ଅଣସରବେଦୀକୁ ଶ୍ରୀ ଜୀଉମାନେ ବିଜେ କରିଥିଲେ । ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ଜଗନ୍ନାଥ ମନ୍ଦିରର ମୁଖ୍ୟ ପୁରୋଧା ଶ୍ରୀ ସୁଶିଲ କୁମାର ଗୋଏଁକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ଆର.କେ. ଅଗ୍ରୱାଲ୍, ଏଚ୍.ଏମ୍. ମାର୍ଦ୍ଦା, ସ୍ଥାନୀୟ ଇମାମୀ ପେପର ମିଲ୍‌ସର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦ୍ରେଶ ଗୁପ୍ତା, ଡିଜିଏମ୍ ଦେବବ୍ରତ ହୋତା, ଏଜିଏମ୍ ତଥା ଲୋକସଂପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ, ଓମ୍ ପ୍ରକାଶ ଶର୍ମା, ବରିଷ୍ଠ ଅଧିକାରୀ ରମେଶ ଚନ୍ଦ୍ର ଖୁଂଟିଆ, ଆର.କେ. କୁଣ୍ଡୁ, ରାଜୁ ମୁନ୍ଦ୍ରା, ମନ୍ଦିର ପରିଚାଳନା କମିଟିର ଅଧିକାରୀ ନିଖିଲ ରଞ୍ଜନ ଦାସ ସାମନ୍ତରାୟ, ବିନୋଦ କୁମାର ଜେନା, ଇମାମୀ ଲେଡ଼ିସ୍ କ୍ଲବ୍‌ର ସଭାପତି ବନ୍ଦନା ଗୁପ୍ତା, ଲେଡ଼ିସ୍ କ୍ଲବ୍‌ର ସମସ୍ତ ସଦସ୍ୟା, ବହୁ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ସଂପନ୍ନ ହୋଇଥିଲା । ଏହି ସ୍ନାନଯାତ୍ରା ମହୋତ୍ସବରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଜିଲ୍ଲାପରିଷଦ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବ୍ଲକ୍ ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ, ବିଶିଷ୍ଟ ଶିଳ୍ପପତି ସଂଗ୍ରାମ ଦାସ, ଇମାମୀ ପେପର ମିଲ୍ସ ଏମ୍ପ୍ଲୟିଜ୍ ୟୁନିୟନର ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସାଧାରଣ ସଂପାଦକ ରୀତେଶ ସିଂ, ଇମାମୀ ପେପର ମିଲ୍ସ ମଜଦୁର ୟୁନିୟନ୍‌ର ସଭାପତି ତଥା ପ୍ରାକ୍ତନ ବିଧାୟକ ଶ୍ରମିକନେତା ପ୍ରଦୀପ୍ତ କୁମାର ପଣ୍ଡା, କାର୍ଯ୍ୟନିର୍ବାହୀ ସଭାପତି ପଦ୍ମଲୋଚନ ନାୟକ, ସାଧାରଣ ସଂପାଦକ ଭବାନନ୍ଦ ଶତପଥୀ, ଇମାମୀ ପେପର ମିଲ୍ସ ମଜଦୁର ସଂଘର ସାଧାରଣ ସଂପାଦକ ଜ୍ୟୋତି ପ୍ରକାଶ ବେହେରା, ଇମାମୀ ଗ୍ରୁପ୍‌ର ଯୁଗ୍ମ ଅଧକ୍ଷ ରାଧାଶ୍ୟାମ ଗୋୟେଙ୍କାଙ୍କ ଧର୍ମପତ୍ନୀ ସରୋଜ ଗୋୟେଙ୍କା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ସେହିପରି ଇମାମୀ ପେପର ମିଲ୍ସ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ ବରିଷ୍ଠ ଫାର୍ମାସିଷ୍ଟ୍ ଅକ୍ଷୟ କିଶୋର ଦାସ, ସଞ୍ଜିତ୍ କୁମାର ସାହୁ ଏବଂ ତାଙ୍କର ସହଯୋଗୀଙ୍କ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟସେବା, ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ଏବଂ ଘୋଳଦହି ଓ ଫଳପ୍ରଦାନର ସୁବନ୍ଦୋବସ୍ତ କରାଯାଇଥିଲା । ଇମାମୀ ସୁରକ୍ଷା ଅଧିକାରୀ ଏବଂ ରେମୁଣା ଥାନା ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଇଥିଲା । ଅନୁରୂପ ଭାବେ ଚଳିତ ମାସ ୨୬ ତାରିଖରେ ମହାପ୍ରଭୁଙ୍କର ନବଯୌବନ ବେଶ ଓ ୨୭ ତାରିଖରେ ରଥଯାତ୍ରା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଚାଲିଥିବା ସଂପର୍କରେ ବରିଷ୍ଠ ଲୋକସଂପର୍କ ଅଧିକାରୀ ମନୋଜ କୁମାର ପାଢ଼ୀଙ୍କ ପକ୍ଷରୁ ସୂଚନା ପ୍ରକାଶ କରାଯାଇଛି ।

# ଅଣସର ଘରକୁ ଗଲେ ଶ୍ରୀ ଜୀଉ



ବାଲେଶ୍ୱର,(ନି.ପ୍ର.): ୨୯ ତାରିଖ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀ ଜୀଉମାନେ ସ୍ନାନ ମଣ୍ଡପରେ ଉପସ୍ଥିତ ହୋଇ ବିଧି ଅନୁଯାୟୀ ସ୍ନାନକାର୍ଯ୍ୟ ପରେ ମଙ୍ଗଳ ଆଳତୀ ଠାରୁ ଆରମ୍ଭ କରି ଦିବସବ୍ୟାପୀ ପୂଜାର୍ଚ୍ଚନା ସାଙ୍ଗକୁ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ଆସନ୍ତା ୧୬ ତାରିଖ ଶ୍ରୀ ଜୀଉଙ୍କର ନବ ଯୌବନ ଦର୍ଶନ ଓ ଘୋଷଯାତ୍ରା ପାଳିତ ହେବ । ୧୬ ତାରିଖ ରଥଯାତ୍ରା ପାଳିତ ହେଉଥିଲା ବେଳେ ୨୯ ତାରିଖ ଶ୍ରୀ ଜୀଉମାନେ ଅଣସର ଘରକୁ ବିଜେ କରିଛନ୍ତି । ବାଲେଶ୍ୱର ସହରର ଜଗନ୍ନାଥ ମନ୍ଦିର, ବାଣ୍ଟିଆ ମନ୍ଦିର, ରେମୁଣା ଇମାମୀ ପେପରମିଲ୍, ଜୁଣିଆ ଜଗନ୍ନାଥ ମନ୍ଦିର, ଏହାଛଡ଼ା ଝାଡ଼େଶ୍ୱର ମନ୍ଦିର ତଥା ସହରର ଯେତେ ଜଗନ୍ନାଥ ମନ୍ଦିର ଏବଂ ନୀଳଗିରିର ଠାକୁର ମାହାଲ ସମସ୍ତ ଜୀଉମାନେ ଏବେ ଅଣସର ଘରେ ନିଜର ବିଧି ଅନୁଯାୟୀ ଜ୍ୱରରେ ପୀଡ଼ିତ ଥିବାବେଳେ ସେମାନଙ୍କର ଚିକିତ୍ସା ସାଙ୍ଗକୁ ପାଂଚଣ ବ୍ୟବସ୍ଥା ଜାରି ରହିଛି । ଏହି ସମୟରେ ଶ୍ରୀ ଜୀଉମାନେ କେବଳ ଫଳ ଓ ଚୂଡ଼ା ଇତ୍ୟାଦି ଭୋଗ ଲାଗିବ ତାଙ୍କଠାରେ । ଏହି ୧୫ ଦିନ ଶ୍ରୀମନ୍ଦିର ଫାଙ୍କା ପଡ଼ିଥିବା ବେଳେ ଶ୍ରଦ୍ଧାଳୁମାନେ କେବଳ ତାଙ୍କର ଆସ୍ଥାନକୁ ଦର୍ଶନ କରିବେ । ୧୫ଦିନ ପରେ ଜୀଉମାନେ ବିଭିନ୍ନ ପୋଷାକରେ ରଙ୍ଗାୟିତ ହୋଇ ନବ ଯୌବନ ଦର୍ଶନ ଦେବେ ଆସନ୍ତା ୧୬ ତାରିଖରେ । ସେହିପରି ଆସନ୍ତା ୨୦ ତାରିଖରେ ହେରା ପଂଚମୀ, ଆସନ୍ତା ୨୪ରେ ବାହୁଡ଼ା ଯାତ୍ରା ଓ ୨୫.୭.୨୬ରେ ସୁନାବେଶ, ୨୬.୭.୨୫ରେ ଅଘରପଣା, ୨୭.୭.୨୫ରେ ନୀଳାଦ୍ରିବିଜେ କରିବେ । ଏଣୁ ଜୀଉମାନଙ୍କର ଏବେ କଛେପୁଅ ବାର । ତା'ଛଡ଼ା ନୂତନ ସରକାର ଆସିବା ଯୋଗୁଁ ଜୀଉମାନଙ୍କୁ ନୂତନ ବସ୍ତ୍ର ମାଧ୍ୟମରେ ରଥାରୂଢ଼ ହୋଇ ବିଜେ କରିବେ ବଡ଼ଦାଣ୍ଡରେ । ପ୍ରକାଶଯେ ଆଜି ପ୍ରତ୍ୟୁଷରୁ ବର୍ଷା ହେବା ଫଳରେ ଭକ୍ତମାନେ ଗୁଳଗୁଳିରୁ ଆଶ୍ୱସ୍ତି ଲାଭ କରିଥିଲେ । ଶ୍ରୀ ଜୀଉମାନେ ମଧ୍ୟ ବର୍ଷା ଜଳରେ ସ୍ନାନ କରିଥିବା ସଂଗେ ସଂଗେ ୧୦୮ କଳସୀ ଜଳରେ ନୀତିକାନ୍ତ ଅନୁଯାୟୀ ସ୍ନାନ କରିଥିବା ଜଣାପଡ଼ିଛି ।

# ବାଲେଶ୍ୱରରେ ଗୁଳିକାଣ୍ଡ ଘଟଣା: ଏସଆଇଟି ଟିମ ଗଠନ କରି ତଦନ୍ତ କରିବାକୁ ଦାବିକଲା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ

ବାଲେଶ୍ୱର,(ନି.ପ୍ର.): ଗତ୨୬ତାରିଖ ଦିନ ସ୍ପଷ୍ଟ ଦିବାଲୋକରେ ଅରଡ଼ ବଜାରରେ ଯୁବ ବ୍ୟବସାୟୀ ସେଖ ହମିଦଙ୍କୁ ଦୁଇଜଣ ଦୁର୍ବୃତ ଆଠ ରାଉଣ୍ଡ ଗୁଳି ମାରି ଆହତ କରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ଏହା ସରକାର ଓ ପୁଲିସ ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ହୋଇଛି ।



ବାଲେଶ୍ୱର ତଥା ଓଡ଼ିଶାର ଅନେକ ସାମାଜିକ ସଙ୍ଗଠନ ବୁଦ୍ଧିଜିବୀ,ଆଇନଜିବୀ ଏହି ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏହି ଘଟଣାର ସଠିକ ତଦନ୍ତ ପାଇଁ ଏସଆଇଟି ଟିମ ଗଠନ କରାଯାଇ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଦାବି କରାଯାଇଛି । ଏହାଛଡା ବାଲେଶ୍ୱରରେ ବଢୁଥିବା ରାହାଜାନୀ,ଚୋରି,ଡକାୟତ ପାଇଁ ପୁଲିସ ପ୍ରଶାସନ ଆକ୍ଟିଭ ହୋଇ କାର୍ଯ୍ୟ କରିବା ପାଇଁ ଦାବି କରାଯାଇଛି । ଏହାଛଡା ଭୟଭିତ ଅବସ୍ଥାରେ ରହିଥିବା ମୃତକଙ୍କ ପରିବାରକୁ ପୁଲିସ ପ୍ରୋଟେକସନ ଯୋଗାଇଦେବା ପାଇଁ ମଧ ଦାବି କରାଯାଇଛି । ଏନେଇ ଆଜି ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମହମ୍ମଦ ଇସଲାମ,ଇନତେଖାବ ଅଲ୍ଲୀ,କବିତା ଦାସ,ଜ୍ୟୋତ୍ସ୍ନା ସେନାପତି,ସୁରେନ୍ଦ୍ରନାଥ ପଣ୍ଡା,ଅରୁଣ ଜେନା,ମହମ୍ମଦ ଇକବାଲ ଖାଁ,ସକିଲା ବାନୋ,ପ୍ରତାପ ସିଂ,ଅଜଗର ଅଲ୍ଲୀ,ବିଦ୍ୟାଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଆନ୍ଦୋଳନ ପାଇଁ ହୋମଗାର୍ଡ଼ଙ୍କ ଚେତାବନୀ

ବାଲେଶ୍ୱର,(ନି.ପ୍ର.) ବାଲେଶ୍ୱର ଜିଲ୍ଲା ଗୃହରକ୍ଷୀ ନିଯୁକ୍ତି ପରୀକ୍ଷା ସମାପ୍ତ ହେବାର ଦୀର୍ଘ ଶହେ ଦିନରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପରୀକ୍ଷା ଫଳ ପ୍ରକାଶ ହୋଇନାହି । ବିଗତ ଦୁଇ ମାସ ହେଲା ବାରମ୍ବାର ଆଶାୟୀ ଗୃହରକ୍ଷୀ ପ୍ରାର୍ଥୀ ମାନେ ଜିଲ୍ଲାପାଳ,ଏଡିଏମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବାରମ୍ବାର ପ୍ରତିଶୃତି ଦେଇଥିଲେ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନିଜେ ୩ରୁ୪ ଥର ପରୀକ୍ଷା ଫଳ ପ୍ରକାଶ କରିବାର ତାରିଖ ମଧ ଦେଇଥିଲେ କିନ୍ତୁ ସେ ତାରିଖ ଅତିକ୍ରମ କରିଛି ହେଲେ ପରୀକ୍ଷା ଫଳ ପ୍ରକାଶ ହୋଇନାହି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗୋଟିଏ କଥା ବାରମ୍ବାର କହୁଛନ୍ତି, ରେଜଲ୍ଟ କଟକ ସ୍ଥିତ ଡିଜି ଅଫିସକୁ ପଠା ହୋଇଛି, ଗୋଟିଏ ମାସ ରୁ ଅଧିକ ହେବ ମାତ୍ର କଟକ ସ୍ଥିତ ଡିଜି ଅଫିସରୁ ଆଜି ପର୍ଯ୍ୟନ୍ତ, ରେଜଲ୍ଟ ଅନୁମୋଦନ ହୋଇ କି ଆସି ନାହି । ରେଜଲ୍ଟ ଯେବେ ଆସିବ ତାପରେ ବାହାରିବ, ଅପେକ୍ଷା କର କିନ୍ତୁ, ତାହାର କୋଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହି । ପରୀକ୍ଷା ଫଳ ବିଳମ୍ବ ହେବା ଏବଂ ଏପର୍ଯ୍ୟନ୍ତ ପ୍ରକାଶ ନ ହେବା କେଉଁଠି ନା କେଉଁଠି ଦୁର୍ନୀତି ଏବଂ ରାଜନୈତିକ ଚାପର କାରଣ ଜଣାପଡୁଛି । ଓଡ଼ିଶାର ସମସ୍ତ ଜିଲ୍ଲାରେ ଗୃହରକ୍ଷୀ ପରୀକ୍ଷା ଫଳ ପ୍ରକାଶ ପାଇ ଯୋଗ୍ୟ ପ୍ରାର୍ଥୀମାନେ ଦୀର୍ଘ ଦିନ ରୁ ନିଯୁକ୍ତି ପାଇ ସାରିଲେଣି କିନ୍ତୁ ବାଲେଶ୍ୱରରେ ଗୃହରକ୍ଷୀ, ବାଲେଶ୍ୱର ପରୀକ୍ଷା ଫଳ ବିଳମ୍ବ ହେବା ଏବଂ ଏପର୍ଯ୍ୟନ୍ତ ପ୍ରକାଶ ନ ହେବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରାଯାଇଛି । ଏହାଛଡାଗୃହରକ୍ଷୀ ପରୀକ୍ଷା ଫଳ ଅବିଳମ୍ବେ ପ୍ରକାଶ କରାଯାଉ, ସ୍ୱଚ୍ଛତା, ନିରପେକ୍ଷତା ଓ ଯୋଗ୍ୟତା ଆଧାରରେ ପ୍ରାର୍ଥୀ ଚୟନ କରାଯାଉ ବୋଲି ଦାବି କରାଯାଇଛି ।



# ପଟିଦିଅଁ ଅଙ୍କନ ଉତ୍ସବରେ ଜମୁଛି ଶାସ୍ତ୍ରୀୟ ଆସର ପଟିଦିଅଁ ଅଙ୍କନ ଉତ୍ସବର ଚତୁର୍ଥ ଦିବସ

ବାଲେଶ୍ୱର, (ନି.ପ୍ର.): ସ୍ଥାନୀୟ ବାମପଦାସ୍ଥ ନୋସି ଉତ୍କଳାରେ ୬ ଦିନିଆ ୧୨ତମ ପଟିଦିଅଁ ଅଙ୍କନ ଉତ୍ସବରେ ପ୍ରତି ସନ୍ଧ୍ୟାରେ ଶାସ୍ତ୍ରୀୟ ନୃତ୍ୟଗୀତ ଓ ବାଦ୍ୟର ଆସର ଜମୁଛି । ଉତର ଓଡ଼ିଶାର ବିଶିଷ୍ଟ ଓ ଖ୍ୟାତିସମ୍ପନ୍ନ କଣ୍ଠଶିଳ୍ପୀ, ନୃତ୍ୟ ଶିଳ୍ପୀ ଓ ବାଦ୍ୟ ଶିଳ୍ପୀ ଯୋଗ ଦେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରି ସୁଧୀ ଶ୍ରୋତା ଓ ଦର୍ଶକଙ୍କୁ ବିମୋହିତ କରୁଛନ୍ତି । ଏହାର ଚତୁର୍ଥ ସନ୍ଧ୍ୟାରେ ଜଳେଶ୍ୱରର ଅଗ୍ରଣୀ ଶାସ୍ତ୍ରୀୟ ସଙ୍ଗୀତ ଆସର 'ଷଡ଼ଜ ସେ ନିଷାଦ'ର ଶିଳ୍ପୀଗଣ ଯଥା ସନ୍ତୁର୍ ବାଦନରେ ତପନ ବିଦ, ବଂଶୀ ବାଦନ ପିତାପୁତ୍ର ସଂଗ୍ରାମ କେଶରୀ ଗିରି ଏଂ ଓମପ୍ରକାଶ ଗିରି, ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତରେ ବ୍ରଜେଶ ପଦ ପଣ୍ଡା ଏବଂ ନରୋତମ ଦାସ ତଥା ତବଲାରେ ମୁକେଶ ଦାଶ ଏବଂ ଅଜୟ ବାରିକ ପ୍ରମୁଖ ଶାସ୍ତ୍ରୀୟ ରାଗରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିବା ବେଳେ ଓଡ଼ିଶୀ ନୃତ୍ୟରେ ଯାଜ୍ଞସେନୀ ଦାସ ସୁନ୍ଦର ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସନ୍ଧ୍ୟାର ସଭାକାର୍ଯ୍ୟରେ ମୁଖ୍ୟଅତିଥି ଭାବରେ ବିସିସିଆଇର ସଭାପତି ସଞ୍ଜୟ ଦାସ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥି ଭାବରେ ସୁବ୍ରତ ନାୟକ, ହରିଶ ପଟେଲ, ଦେବାଶିଷ ଦାସ, ପ୍ରଶାନ୍ତ ମହାନ୍ତି, ପ୍ରଶାନ୍ତ କୁମାର ପଣ୍ଡା, କମଲେଶ ପାଲା, ସୁନୀଲ ମୋଦି, ରାଜକିଶୋର ଗୁପ୍ତା, ଦେବରାଜ ପାଢ଼ୀ ଓ ଶିଳ୍ପୀ ବ୍ରଜ ଷଡ଼ଙ୍ଗୀ ଯୋଗ ଦେଇ ଓଡ଼ିଶାର ଶାସ୍ତ୍ରୀୟ କଳା ଓ କଳାକାରଙ୍କ ପ୍ରତିଭାକୁ ପ୍ରଶଂସା କରିଥିଲେ । ନୋସି କଲଚରାଲ୍ ଏକାଡ଼େମୀର ମୁଖ୍ୟ ଶିଳ୍ପୀ କେଶୁ ଦାସ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅରୁଣ ବାରିକ ପ୍ରାକ୍ ସୂଚନା ଓ ଦେବାଶିଷ ପତି ଧନ୍ୟବାଦ ପ୍ରଦାନ କରିଥିଲେ ।ସନ୍ଧ୍ୟାର ପ୍ରାରମ୍ଭରେ ଏକାଦଶୀ ବର୍ମନ, ନନ୍ଦିନୀ ନାୟକ, ରଶ୍ମିରେଖା ମହାପାତ୍ର, ଦେବାନନ୍ଦ ସିଂ ପ୍ରମୁଖ ଜଗନ୍ନାଥ ଜଣାଣ ଗାୟନ କରୁଥିଲେ । ଦିନ ତମାମ ଚିତ୍ରକର ମାନେ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଓ ମା ଭୁବନେଶ୍ୱରୀ ପଟିଦିଅଁ ଅଙ୍କନରେ ସୂକ୍ଷ୍ମ ରେଖା ଦ୍ୱାରା କାରୁକାର୍ଯ୍ୟ କରି ଆକର୍ଷଣୀୟ ଓ ସୁନ୍ଦର କରୁଛନ୍ତି । ପବିତ୍ର ସ୍ନାନପୂର୍ଣ୍ଣିମା ସନ୍ଧ୍ୟାରେ ସବୁ ମନ୍ଦିରକୁ ପଟିଦିଅଁ ବିଜେ କରିବେ ।








# ଦେବଭୂମି ମନ୍ଦିରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା



ଅନୁଗୋଳ(ନିପ୍ର): ଅନୁଗୋଳ ଜିନ୍ଦଲ ନଗର ସ୍ଥିତ ଦେବଭୂମି ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂରତୀଙ୍କ ପବିତ୍ର ଦେବସ୍ନାନ ନୀତି, ଭକ୍ତିଭାବ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବ୍ୟ ଅବସରରେ ଓ.ପି. ଜିନ୍ଦଲ ଗୋଷ୍ଠୀର ଚେୟାରପର୍ସନ୍ ଏମେରିଟସ୍ ଶ୍ରୀମତୀ ସାବିତ୍ରୀ ଜିନ୍ଦଲ ଏବଂ ମନ୍ଦିରର ଆଦ୍ୟ ସେବିକା ତଥା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ ଉପସ୍ଥିତ ରହି ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ସେବାର୍ଚ୍ଚନା କରିଥିଲେ । ଜିନ୍ଦଲ ନଗର ଏବଂ ଆଖପାଖ ଗ୍ରାମରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏହି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାଳନରେ ସାମିଲ ହୋଇଥିଲେ । 'ଜୟ ଜଗନ୍ନାଥ' ସ୍ୱର ଏବଂ ଘଂଟିର ତାଳର ଭକ୍ତିମୟ ପରିବେଶ ଭିତରେ, ମନ୍ଦିରର ପ୍ରମୁଖ ସେବକମାନେ ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିରର ପୂଜ୍ୟ ପରମ୍ପରା ଏବଂ ପ୍ରଥାକୁ ଅନୁସରଣ କରି ପବିତ୍ର ରୀତିନୀତିଗୁଡ଼ିକୁ ପବିତ୍ରତାର ସହିତ ସମ୍ପାଦିତ କରିଥିଲେ । ପ୍ରାତଃ ୫ଟାର ଶୁଭ ମୁହୂର୍ତ୍ତରେ ଦ୍ୱାର ଫିଟା, ମଙ୍ଗଳ ଆଳତି, ଶ୍ରୀକର୍ପୂର ଲାଗି, ମଙ୍ଗଳାର୍ପଣ ନୀତି, ପୁଷ୍ପାଞ୍ଜଳି ଏବଂ ସର୍ବାଙ୍ଗ ନୀତି ସହିତ ଦିନର ଧାର୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ମନ୍ଦିରର ସେବାୟତମାନଙ୍କ ତତ୍ତ୍ୱାବଧାନରେ ପବିତ୍ର ସ୍ନାନ ନୀତି ଅତ୍ୟନ୍ତ ଭକ୍ତିଭାବର ସହ ସମ୍ପନ୍ନ ହୋଇଥିଲା । ଦିନର ସବୁଠାରୁ ପ୍ରତୀକ୍ଷିତ ନୀତି 'ଚତୁର୍ଦ୍ଧାମୂର୍ତ୍ତିଙ୍କ ଧାଡ଼ି ପହଣ୍ଡି' ମାଧ୍ୟମରେ ସ୍ନାନ ମଣ୍ଡପକୁ ବିଜେ ହୋଇଥିଲେ । ପବିତ୍ର ଜଳରେ ମହାପ୍ରଭୁମାନଙ୍କର ମହାସ୍ନାନ ସମ୍ପନ୍ନ ହୋଇଥିଲା, ଯାହା ପବିତ୍ରତା, ଆଶୀର୍ବାଦ ଏବଂ ସମଗ୍ର ବିଶ୍ୱର ମଙ୍ଗଳର ପ୍ରତୀକ । ସ୍ନାନପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ଏହି ସବୁ ନୀତିକାନ୍ତି ମନ୍ଦିର ପରିସରକୁ ଶ୍ରଦ୍ଧା ଓ ଭକ୍ତି ଭାବରେ ଭରି ଦେଇଥିଲା । ମହାସ୍ନାନ ପରେ ମହାପ୍ରଭୁମାନଙ୍କୁ ଭବ୍ୟ "ହାତୀ ବେଶ" (ଗଜାନନ ବେଶ) ରେ ସଜ୍ଜିତ କରାଯାଇଥିଲା । ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ର ଗଣେଶ ସ୍ୱରୂପ ହାତୀ ବେଶ ଧାରଣ କରିଥିବାବେଳେ ଦେବୀ ସୁଭଦ୍ରା ଆକର୍ଷଣୀୟ 'ପଦ୍ମ' ବେଶରେ ସୁସଜ୍ଜିତ ହୋଇଥିଲେ । ଏହି ବିରଳ ଦର୍ଶନ ଭକ୍ତମାନଙ୍କୁ ବେଶ ବିଭୋର କରିଥିଲା । ସନ୍ଧ୍ୟାରେ ଅଣସର ପହଣ୍ଡି ନୀତି ଅନୁଷ୍ଠିତ ହୋଇଥିଲା । ଏହା ପରେ ମହାପ୍ରଭୁମାନେ ଅଣସର ଘରକୁ ବିଜେ କରିଥିଲେ, ଏଠାରେ ଆଗାମୀ ଚଉଦ ଦିନ ପର୍ଯ୍ୟନ୍ତ ଗୁପ୍ତ ବାସରେ ରହିବେ । ଏହାପରେ ପବିତ୍ର ନେତ୍ରୋତ୍ସବ (ନେତ୍ର ଉତ୍ସବ) ଅବସରରେ ଭକ୍ତମାନେ ପୁନର୍ବାର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦିବ୍ୟ ଦର୍ଶନ ଲାଭ କରିବେ । ଏହି ଦର୍ଶନ ପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆରମ୍ଭ ହେବ ।

# ମା'ପାଣିଷଣ୍ଢଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ନୟାଗଡ(ନିପ୍ର): ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ଦେବୀ ପିଠ ଓଡ଼ଗାଁ ବ୍ଲକ କୁରାଳ ପଂଚାୟତ ଅନ୍ତର୍ଗତ ଦଣ୍ଡୋର ଗ୍ରାମରେ ବିରାଜିତ ମା' ପାଣିଷଣ୍ଢଙ୍କ ପବିତ୍ର ପୀଠରେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ୪ ଦିନ ?ଧରି ଚାଲିଥିବା ଶ୍ରୀରାମ ତାରକ ମନ୍ତ୍ରାର୍ପିତ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଦିନ ଉଦଯାପିତ ହୋଇଯାଇଛି ।ଦଣ୍ଡୋର ଗ୍ରାମବାସୀଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ଯଜ୍ଞର ପ୍ରାରମ୍ଭ ଦିବସରେ ସୂର୍ଯ୍ୟପୂଜା, ଜଳଯାତ୍ରା, ଯଜ୍ଞଶାଳା ପ୍ରତିଷ୍ଠା ଓ ପୀଠପୂଜା ସହିତ ଦେବୀଙ୍କ ଉଦ୍ଦେଶ୍ୟରେ ଘୃତାହୁତି ପ୍ରଦାନ କରାଯାଇଥିଲା । ବୈଦିକ ବ୍ରାହ୍ମଣ ସମାଜରୁ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ ଆଚାର୍ଯ୍ୟଭାବେ କାର୍ଯ୍ୟ ପରିଚାଳନା କରିଥିବାବେଳେ ପୁସ୍ତକାଚାର୍ଯ୍ୟ ଭାବେ ପଣ୍ଡିତ ଲଳିତ ମୋହନ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ଲଡୁକିଶୋର ରଥ, ରଶ୍ମୀରଞ୍ଜନ ଷଡ଼ଙ୍ଗୀ, ନୃସିଂହ ପ୍ରସାଦ ଶତପଥୀ, ଦିନମଣି ଆଚାର୍ଯ୍ୟ, ଅରୁଣ ତ୍ରିପାଠୀ, ତୋଫାନ ତ୍ରିପାଠୀ, ଚନ୍ଦ୍ରଶେଖର ତ୍ରିପାଠୀ, ଜୁଲୁ ଦାସ, ଜଳନ୍ଧର ରଥ, ନାରାୟଣ ଷଡ଼ଙ୍ଗୀଙ୍କ ସମେତ ଅନ୍ୟାନ୍ୟ ବରେଣ୍ୟ ପଣ୍ଡିତମାନେ ଯଜ୍ଞବିଧାନ କାର୍ଯ୍ୟ ପରିଚାଳନା କରିଥିଲେ । କର୍ତ୍ତାଭାବେ ସନ୍ୟାସୀ ମିଶ୍ର ଓ ତାଙ୍କ ସହଧର୍ମିଣୀ କୁନି ମିଶ୍ର ଦାୟିତ୍ୱ ନିର୍ବାହ କରିଥିବାବେଳେ ପ୍ରତ୍ୟେହ ପୂର୍ବାହ୍ନରେ ସୂର୍ଯ୍ୟପୂଜା, ପୀଠପୂଜା ଏବଂ ଅପରାହ୍ନରେ ଘୃତଯଜ୍ଞ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନର ଆୟୋଜନ ହୋଇଥିଲା । ମନ୍ଦିର ପରିସରରେ ବିଭିନ୍ନ ପ୍ରକାର ବଜାର, ଖାଦ୍ୟ ଷ୍ଟଲ, ଘରକରଣା ଦୋକାନ, ଛୋଟପିଲାଙ୍କ ପାଇଁ ଦୋଳି ଓ ଖେଳନା ଷ୍ଟଲରେ ବହୁଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସୋମବାର ସନ୍ଧ୍ୟାରେ ମହାଯଜ୍ଞର ପୂର୍ଣ୍ଣାହୁତି ସହିତ ଅନ୍ନକୁଟ ପ୍ରସାଦସେବନର ଆୟୋଜନ କରାଯାଇ ଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ଗ୍ରାମବାସୀଙ୍କ ସମେତ ସମସ୍ତ ଯୁବକମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଣାପଡ଼ିଛି । ତେବେ ମା'ଙ୍କ ଏହି ଯଜ୍ଞ ଉତ୍ସବରେ ଶନିବାର ସନ୍ଧ୍ୟାରେ ନୟାଗଡ ବିଧାୟକ ଡ.ଅରୁଣ କୁମାର ସାହୁ, ରବିବାର ଜିଲ୍ଲା କଂଗ୍ରେସ ସଭାପତି ରଣଜିତ୍ ଦାସ ଓ ସୋମବାର ସନ୍ଧ୍ୟାରେ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଯୋଗଦେଇ ମା'ଙ୍କ ଆଶିଷ କୃପା ଲାଭ କରିଥିବା ସହ ଗ୍ରାମ ବାସୀଙ୍କୁ ଉତ୍ସାହିତ କରିଥିବା ଜଣାପଡ଼ିଛି ।

# ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଆକ୍ୱାଗାର୍ଡ଼ ଲୋକାର୍ପଣ

ସୋର(ନିପ୍ର): ସୋର ବ୍ଲକ ଅଧୀନସ୍ଥ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିର ରେ ତିନି ଦିଅଁଙ୍କ ପବିତ୍ର ସ୍ନାନଯାତ୍ରା ମହା ସମାରୋହ ରେ ପାଳିତ ହୋଇ ଯାଇଛି, ଭୋର ରୁ ଦିଅଁ ମାନଙ୍କ ମଙ୍ଗଳା ଆଳତୀ, ମଇଲମ, ଅବକାଶ ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତି ଙ୍କୁ ଗୋଟି ପହଣ୍ଡି ରେ ଶହ ଶହ ଶ୍ରଦ୍ଧାଳୁଙ୍କ ଶଙ୍ଖ, ଘଂଟା ହୁଳହୁଳି ଜୟ ଜଗନ୍ନାଥ ଧ୍ୱନି ସଂକୀର୍ତ୍ତନ ମଧ୍ୟ ରେ ସ୍ନାନ ମଣ୍ଡପକୁ ଅଣା ଯାଇଥିଲା । ସେବାୟତ ମାନେ ଶ୍ରୀ ସୁଦର୍ଶନ, ପ୍ରଭୁ ବଳଭଦ୍ର, ମା ସୁଭଦ୍ରା, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସ୍ନାନ ମଣ୍ଡପ ରେ ବିଜେକରା ଯାଇ ସମସ୍ତ ନୀତିକାନ୍ତି ପରେ ୧୦୮ ସୁବାସିତ ଜଳ,ଓ କ୍ଷୀର ରେ ଜୀଉ ମାନଙ୍କୁ ସ୍ନାନ କରା ଯାଇଥିଲା, ସ୍ନାନ ସମୟ ରେ ହୁଳହୁଳି, ଶଙ୍ଖ, ଘଂଟ ଘଂଟା, ଜୟ ଜଗନ୍ନାଥ ଧ୍ୱନି, ସଂକୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇ ଥିଲା । ପରେ ଦିଅଁମାନଙ୍କୁ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରାଗଲା ପରେ ଦିଅଁ ମାନଙ୍କୁ ସ୍ନାନ ମଣ୍ଡପ ରେ ଭକ୍ତ ମାନେ ଦର୍ଶନ କରି ଦିବ୍ୟ ଆନନ୍ଦ ଲାଭ କରି ଥିଲେ, ଠିକ ଅପରାହ୍ନ ୪ ଟା ରେ ତିନି ଠାକୁର ଙ୍କୁ ଗୋଟି ପହଣ୍ଡି ରେ ଅଣସର ବେଦି କୁ ନିଆଯାଉ ଥିଲା, ପବିତ୍ର ସ୍ନାନ ପୂର୍ଣ୍ଣିମା ରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ଅନନ୍ତପୁର ଶାଖା ତରଫରୁ ଭକ୍ତ ମାନଙ୍କର ବିଶୁଦ୍ଧ ଜଳ ପିଇବା ପାଇଁ ଗୋଟିଏ ଆକ୍ୱାଗାର୍ଡ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ବସା ଯାଇ ଶ୍ରଦ୍ଧାଳୁ ଙ୍କ ଉଦ୍ଦେଶ୍ୟ ରେ ଲୋକାର୍ପଣ କରା ଯାଇ ଥିଲା ଲୋକାର୍ପଣ ଉତ୍ସବ୍ ରେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅଭିଜିତ ଦେହୁରୀ, ଅନନ୍ତପୁର ଥାନା ଏ ଏସ ଆଇ ଜୟପ୍ରକାଶ ବେହେରା ଓ ମନ୍ଦିର ପରିଚାଳନା କକମିଟି ର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ, ଏହି ମହତ କାର୍ଯ୍ୟ ପାଇଁ ଜନ ସାଧାରଣଙ୍କ ତରଫରୁ ଅଶେଷ ଧନ୍ୟବାଦ ଅର୍ପଣ କରାଯାଇ ଥିଲା ।

# ଜଙ୍ଗଲ ଜମି ପଟ୍ଟା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାରିପଦା(ନିପ୍ର): ବାରିପଦା ତହସିଲ ପକ୍ଷରୁ ରଘୁନାଥପୁର ଲେପ୍ରୋସି କଲୋନୀଠାରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ୨୭ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ୪୯ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ପଟ୍ଟା ଓ ଶିରୋନାମା ବଂଟନ କରିଥିଲେ । ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟ ସରକାର ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କର ସାମାଜିକ ଓ ଆର୍ଥିକ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ ରହିଛନ୍ତି । ଜଙ୍ଗଲ ଜମିର ବୈଧ ଅଧିକାର ପ୍ରଦାନ ହିତାଧିକାରୀଙ୍କ ଜୀବନଜୀବିକା ଓ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ ଏବଂ ପୂର୍ବତନ ବିଧାୟକ ଶ୍ରୀ କାନ୍ଦ୍ରା ସୋରେନ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜଙ୍ଗଲବାସୀଙ୍କ କଲ୍ୟାଣ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ସଭାପତିତ୍ୱ କରିଥିଲେ । ବାରିପଦା ତହସିଲଦାର ଶ୍ରୀ ସପନ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଜଙ୍ଗଲ ଜମି ଅଧିକାର ପ୍ରଦାନ ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ପରେ ମାନ୍ୟବର ମନ୍ତ୍ରୀ ଏବଂ ବାରିପଦା ବିଧାୟକ କେତେକ ହିତାଧିକାରୀଙ୍କ ବାସଭବନକୁ ପରିଦର୍ଶନ କରି ସେମାନଙ୍କ ହାତରେ ଜଙ୍ଗଲ ଜମି ପଟ୍ଟା ଓ ଶିରୋନାମା ପ୍ରଦାନ କରିଥିଲେ । ଏହି ଅବସରରେ ସେମାନେ ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । କାର୍ଯ୍ୟକ୍ରମରେ ବାରିପଦାର ଅତିରିକ୍ତ ତହସିଲଦାର ଶ୍ରୀ ସଦାନନ୍ଦ ଡେଲକି ଏବଂ ଶ୍ରୀ ଭରତ ଚନ୍ଦ୍ର ପାତ୍ର ପ୍ରମୁଖ ମଂଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ । ବହୁ ସଂଖ୍ୟକ ହିତାଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗୃହର ଶୁଭ ଉଦ୍‌ଘାଟନ



ନୀଳଗିରି(ନିପ୍ର): ନୀଳଗିରି ଆଇ.ଟି.ଡି.ଏ. କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗୃହକୁ ମାନ୍ୟବର ରେମୁଣା ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ଉପସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଚେୟାରମ୍ୟାନ ବିପିନ ମାରାଣ୍ଡି ବିଧିବଦ୍ଧ ଭାବେ ନୂଆ ଅଫିସରେ ପୂଜା କରି କାର୍ଯ୍ୟ ଆରମ୍ଭ କରିଛନ୍ତି । ଶ୍ରୀଯୁକ୍ତ ମାରାଣ୍ଡି ଦାୟିତ୍ୱ ନେଲା ପରେ ବାଲେଶ୍ୱର ଜିଲ୍ଲାରେ ଆଦିବାସୀ ଭାଇ ଓ ଭଉଣୀ ମାନଙ୍କର ବିକାଶ ମୂଳକ କାର୍ଯ୍ୟ ପାଇଁ ସର୍ବଦା ଚେଷ୍ଟିତ ରହିବେ ବୋଲି ମତପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଆଇ.ଟି.ଡ଼ି.ଏ.ପି.ଏ. ଡ଼. ମଧୁସ୍ମିତା ସାମନ୍ତରାୟ, ନୀଳଗିରି ଏନ୍.ଏ.ସି. ଚେୟାରମ୍ୟାନ ମହେନ୍ଦ୍ର ନାଥ ବେହେରା, ଜିଲ୍ଲା ପରିଷଦ ରଂଜିତା ସିଂ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ଶୁଭଙ୍କର ମହାପାତ୍ର, ତାପସ ମହାନ୍ତି, ଗତିକୃଷ୍ଣ ନନ୍ଦ, ସମର ଶଙ୍କର କାନୁନଗୋ, ଉମାକାନ୍ତ ଜେନା, ସୂର୍ଯ୍ୟକାନ୍ତ ବିଶ୍ୱାଳ, ରତିକାନ୍ତ ବେହେରା, ରତିକାନ୍ତ ସିଂ, ରମାକାନ୍ତ ବେହେରା, ପ୍ରଫୁଲ୍ଲ ଦଳେଇ, ମନୀନ୍ଦ୍ର ରାଉତ, କୃଷଚନ୍ଦ୍ର ଶାହ, ଶିଶିର ରାଉତ, କୃତିବାସ ବେହେରା, ପ୍ରବୀଣ ନାୟକ, ପର୍ଶୁରାମ ପରିଡା, ପର୍ଶୁରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ଉପସ୍ଥିତ ସଦସ୍ୟ ମାନେ ଶ୍ରୀଯୁକ୍ତ ମାରାଣ୍ଡିଙ୍କୁ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଦେବା ସହିତ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ ।

# ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର(ନିପ୍ର): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୮୧ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୫ଟି, ଆବାସ ସମ୍ପର୍କୀୟ ୧୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ ଟି, ପୋଲିସ ସହାୟତା ପାଇବା ପାଇଁ ୧ଟି, ଭତା ପାଇବା ପାଇଁ ୫ଟି ଏବଂ ଅନ୍ୟାନ୍ୟ ୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ବିଡ଼ିଓ ଏରସମା ଶ୍ରୀ ଦାଶରଥି ଜେନା, ତହସିଲଦାର ଏରସମା ଶ୍ରୀମତୀ ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଏସ ଡି ପି ଓ ତିର୍ତୋଲ ଶ୍ରୀ ଅଜୟ କୁମାର ଦାସ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

# ସିଟିଜେନ୍ସ ହ୍ୟୁମାନ ରାଇଟସ କାଉନସିଲର ପ୍ରଥମ ବାର୍ଷିକ ବୈଠକ

ବାରିପଦା(ନିପ୍ର): ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ସିଟିଜେନ୍ସ ହ୍ୟୁମେନ ରାଇଟସ କାଉନସିଲ, ବାରିପଦା ଶାଖାର ୧ମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ନୂତନ କାର୍ଯ୍ୟନିର୍ବାହୀ କର୍ମକର୍ତ୍ତା ଚୟନ କରାଯାଇଛି ଓ ସଭାପତି - ସ୍ୱରୂପ କୁମାର ବଶା, କାର୍ଯ୍ୟକାରୀ ସଭାପତି - ମୋହନ ବୁର୍ଣ୍ଣୱାଲ, ସାଧାରଣ ସମ୍ପାଦକ - ବିଭୁ ପ୍ରସାଦ ଦାସ, କାର୍ଯ୍ୟନିର୍ବାହୀ ସଚିବ - କନିକା ବୋଷ, ଉପ ସଭାପତି - ମୂର୍ଚ୍ଛନା ଦାସ ପଟ୍ଟନାୟକ, ଦିଲ୍ଲୀପ କୁମାର ଦାଶଶର୍ମା ଓ ସଞ୍ଜୟ କୁମାର ନାୟକ, ସହ ସମ୍ପାଦକ - ପ୍ରଣତି ଦାସ, ମନୋଜ କୁମାର ସାହୁ ଓ ବିବେକାନନ୍ଦ ପାତ୍ର, ସାଙ୍ଗଠନିକ ସମ୍ପାଦକ - ସୋମନାଥ ସିଂହ, କୋଷାଧ୍ୟକ୍ଷ - ଅଶ୍ୱିନୀ କୁମାର ଦାସ, ସହ କୋଷାଧ୍ୟକ୍ଷ - ଶୋଭନା ସାହୁ ଏବଂ କାର୍ଯ୍ୟକାରୀ ଅଧିକାରୀ - ଅରୁଣ କୁମାର ଦାସ, ଜଗନ୍ନାଥ ମିଶ୍ର, ଦେବାଶିଷ ଦାସ, ଗୋକୁଳ ଚନ୍ଦ୍ର ଦାସ, ନମିତା ସେଠି, ସୋନାଲି ସୋରେନ, ସର୍ବତୋଷ ଦାସ, ଅଶ୍ୱନୀ କୁମାର ବ୍ରହ୍ମା ଓ ବିଶ୍ୱଜିତ ନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି ଓ ତତସହିତ ସଂଗଠନର ପେଟ୍ରୋନ ଭାବେ ମନୋଜ କୁମାର ଷେଣ୍ଡ, ନାରୀ ସମ୍ମେଳନ ମୁଖ୍ୟ ଭାବେ ସୁଧାମୟୀ ଦାସ, ପ୍ରସ୍ତାହନ ଅଧିକାରୀ ଭାବେ ବିରେନ କୁମାର ସାହୁ, ଦ୍ୱୈତ କୁମାର ପଟନାୟକ ଓ ରାଜ ଗୁପ୍ତା, ମେଗାଜିନ ଓ ସାଂସ୍କୃତିକ ସଚିବ ଭାବେ ଆଶିଷ କୁମାର ବଶା, ପ୍ରଫେସର ସ୍ୱରୂପ କୁନାର ପଟ୍ଟନାୟକ, ଆଇନ ସହାୟତା କମିଟିର ସଚିବ ଜ୍ୟୋତି ପ୍ରକାଶ ରଥ, ସଭ୍ୟ କ୍ଷେତ୍ରମୋହନ ପଣ୍ଡା ଓ ଅନିଲ ବେହେରା ମନାନୀତ ହୋଇଛନ୍ତି ଓ ସମସ୍ତ ଚୟନ ହୋଇଥିବା କର୍ମକର୍ତ୍ତା ସଂଗଠନକୁ ଦୃଢ଼ୀଭୁତ କରିବା ପାଇଁ ଶପଥ ନେଇଥିଲେ ଓ ନିଜ ନିହାର ବକ୍ତବ୍ୟ ରଖିଥିଲେ ଓ ଅନୁଷ୍ଠାନର ବରିଷ୍ଠ ପରାମର୍ଶଦାତା ଡ.ଶ୍ୟାମସୁନ୍ଦର ଦାସ ଓ ଡ. ବିଜୟ କୁମାର ଅଗ୍ରୱାଲ ସମସ୍ତ କର୍ମକର୍ତ୍ତା ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ବିଭିନ୍ନ ପ୍ରକଳ୍ପ ଓ ଯୋଜନା ମାଧ୍ୟମରେ କିପରି ମାନବିକ ଅଧିକାର ଓ ତାର ସୁରକ୍ଷା ହୋଇପାରିବ ସେ ବିଷୟରେ ସଭାପତି ଶ୍ରୀ ବଶା ଆଲୋକପାତ କରିଥିଲେ ।

No. 25001/564/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, UDALA
e_mail =rw_udala@yahoo.com
e_Procurement Tender Call Notice No. Online 03/RWD/UDALA/2026-27

1. Name of the work : ROAD works
2. Total No.of works : 9Nos.
3. Estimated Cost : Approx Estimated Cost Rs.50.42 to Rs.80.67Lakhs
4. Class of Contractor : 'B'
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :


| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E. Rural Works Division, Udala. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| S.E.R.W Division, Udala. | 03(Online)/ RWD-Udala of 2026-27 | 03.07.26 at 11.00 A.M. | 09.07.26 up to 5.00 P.M. | 09.07.26 up to 3.00 P.M. | 09.07.26 at 5.30 A.M. | Intimate later. |

Further details can be seen from the website www.tendersorissa.gov.in

Sd/-
Superintending Engineer
R.W. Division, Udala

OIPR. 25001/25199/1/26-27/0003









# ସାନ୍ତାଲ୍ ବିଦ୍ରୋହ ୧୮୫୫-୫୬

◆ ଶରତ ଚନ୍ଦ୍ର ସରେନ୍

ବ୍ରିଟିଶ-ଇଷ୍ଟ-ଇଣ୍ଡିଆ କମ୍ପାନୀର ଉପନିବେଶବାଦ ଓ ଜମିଦାର, ସାହୁକାର, ମହାଜନଙ୍କ ଶୋଷଣ ଓ ଅତ୍ୟାଚାର ବିରୋଧରେ ସାନ୍ତାଳ ସମ୍ପ୍ରଦାୟର ଆଦିବାସୀମାନେ ୧୮୫୫ ମସିହା ଜୁନ୍ ୩୦ ତାରିଖ ଦିନ ବର୍ତମାନର ଝାଡ଼ଖଣ୍ଡ ରାଜ୍ୟର ସାହେବଗ ଜିଲ୍ଲା ଅଧିନସ୍ଥ ଭଗ୍ନାଡିହି ଠାରେ ଏକ ବିଶାଳ ମେଳି କରି ସଶସ୍ତ୍ର ବିଦ୍ରୋହ ଆରମ୍ଭ କରିଥିଲେ । ଏହି ବିଦ୍ରୋହକୁ 'ସାନ୍ତାଳ ହୁଲ' (ସାନ୍ତାଳ ବିଦ୍ରୋହ) କୁହାଯାଏ । ଚୁନ୍ନି ମୁର୍ମୁଙ୍କ ଚାରିପୁତ୍ର ସିଦୋ, କାହ୍ନୁ, ଚାନ୍ଦ, ଭାଇରୋ ଓ ଦୁଇ ଝିଅ ଫୁଲୋ, ଝାନ ବାଲ୍ୟତ ବୟସରୁ ହିଁ ହୃଦୟଙ୍ଗମ କରିପାରିଥିଲେ ଯେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଜମିଦାର, ସାହୁକାର, ମହାଜନଙ୍କ ଦ୍ୱାରା ଲୋକମାନେ ବହୁ ଶୋଷଣ ଓ ନିର୍ଯ୍ୟାତନା ହେଉଅଛନ୍ତି । ଜମିଦାରମାନେ ଲୋକମାନଙ୍କଠାରୁ ଆୟ ତୁଳନାରେ ଅଧିକ କର ଆଦାୟ କରୁଥିଲେ । ସାହୁକାର ମହାଜନମାନେ ଲୋକମାନଙ୍କୁ ସୁଧରେ ଧାନ, ଟଙ୍କା ଆଦି ଦେଉଥିଲେ । ସୁଧ ଆକାରରେ ୫୦%ରୁ ୫୦୦% ଶତକଡ଼ା ପର୍ଯ୍ୟନ୍ତ ସୁଧ ଆଦାୟ କରୁଥିଲେ । ଯେଉଁମାନେ ବିଭିନ୍ନ ପ୍ରକାର କର କିମ୍ବା ସୁଧ ଦେବାରେ ଅସମର୍ଥ ହେଉଥିଲେ, ସେମାନଙ୍କ



ଘରେ ଥିବା ଛେଳି, କୁକୁଡ଼ା, ଗୋରୁ, ମଇଁଷି ଏପରିକି ଜମି ମଧ ଛଡ଼ାଇ ନେଉଥିଲେ । ଏଥିରୁ ରକ୍ଷା କରିବା ପାଇଁ ବ୍ରିଟିଶ ଇଷ୍ଟ ଇଣ୍ଡିଆର ଦାରୋଗା ମାନଙ୍କୁ ଅନୁରୋଧ କରୁଥିଲେ ମଧ ସେମାନେ ଲୋକମାନଙ୍କୁ ସାହାଯ୍ୟ ଓ ନ୍ୟାୟ ପ୍ରଦାନ କରିବା ପରିବର୍ତେ ଜମିଦାର, ସାହୁକାର, ମହାଜନମାନଙ୍କୁ ଲୋକମାନଙ୍କୁ ଶୋଷଣ, ଅତ୍ୟାଚାର କରିବାରେ ସାହାଯ୍ୟ କରୁଥିଲେ । ଏଥିସହିତ ଏହି ସମୟରେ ବ୍ରିଟିଶମାନେ ଭାରତରେ ରେଳଲାଇନ୍ ବିଛାଇବା କାମ ମଧ ଆରମ୍ଭ କରିଦେଇଥିଲେ । ରେଳଲାଇନ୍ ଯୋଗୁଁ ଯେଉଁ ଲୋକମାନଙ୍କର ଉର୍ବର ଚାଷଜମି ଅଧିଗ୍ରହଣ କରାଗଲା, ସେମାନଙ୍କୁ ଜମିବାବଦରେ ଅର୍ଥରାଶି ମଧ ପ୍ରଦାନ କରାଗଲା ନାହିଁ ଏବଂ ସେହି ଅ□ଳର ଆଦିବାସୀ ଲୋକମାନଙ୍କୁ ରେଳଲାଇନ୍ ବିଛାଇବା ପାଇଁ ବିନା ପାଉଣାରେ ବେଠି ଭାବରେ ଖଟିବାକୁ ବାଧ କରାଯାଉଥିଲା । ଏହି ଶୋଷଣ ଓ ଅତ୍ୟାଚାର ରେ ସାନ୍ତାଳ ସମ୍ପ୍ରଦାୟର ଆଦିବାସୀମାନେ ଅତିଷ୍ଠ ହୋଇପଡ଼ିଥିଲେ । ଏହି ଶୋଷଣ ଓ ଅତ୍ୟାଚାରକୁ ଦେଖି ସିଦୋ ମୁର୍ମୁ ଓ କାହ୍ନୁ ମୁର୍ମୁଙ୍କ ହୃଦୟରେ ବିଦ୍ରୋହର ବହ୍ନି ଜଳିଉଠିଥିଲା । ସିଦୋ ଓ କାହ୍ନୁଙ୍କ ନେତୃତ୍ୱରେ ବହୁ ଗ୍ରାମର ମାଝି ବାବା, ଅନେକ ପିଳର ପିଳ ପାର୍ଗାନାମାନଙ୍କୁ 'ସାରଜମ୍ ଗିରା' ମାଧମରେ ବାର୍ତା ଦେଇ ଭଗନାଡିହି ଠାରେ ମେଳିରେ ଯୋଗଦେବା ପାଇଁ ଆହ୍ୱାନ କରିଥିଲେ । ଏହି ଆହ୍ୱାନରେ ୧୮୫୫ ମସିହା ଜୁନ୍ ୩୦ ତାରିଖ ଦିନ ଭଗନାଡିହିଠାରେ ପ୍ରାୟ ୧୦ ହଜାରରୁ ଅଧିକ ସାନ୍ତାଳ ସମ୍ପ୍ରଦାୟର ଲୋକ ପାରମ୍ପରିକ ହାତ ହତିଆର ସହିତ ଏକତ୍ରିତ ହୋଇ 'ଆବଓ୍ୱାଃ ଦିଶମ୍ ଆବଓ୍ୱାଃ ରାଜ୍' ନାରା ସହିତ ସାନ୍ତାଳ ହୁଲ୍ (ସାନ୍ତାଳ ବିଦ୍ରୋହ) ଆରମ୍ଭ କରିଥିଲେ ଏବଂ ଏହାର ମୁଖ୍ୟ ନେତୃତ୍ୱ ନେଇଥିଲେ ସିଦୋ ମୁର୍ମୁ ଏବଂ କାହ୍ନୁ ମୁର୍ମୁ । ସାନ୍ତାଳ ହୁଲ୍ (ସାନ୍ତାଳ ବିଦ୍ରୋହ)ରେ ସିଦୋ, କାହ୍ନୁ ସହିତ ତାଙ୍କର ଆଉ ଦୁଇ ଭାଇ ଚାନ୍ଦ, ଭାଇରୋ ଓ ଦୁଇ ଭଉଣୀ ଫୁଲ ଓ ଝାନ ମଧ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସାନ୍ତାଳ ହୁଲ୍ ସମୟରେ ବିଦ୍ରୋହୀମାନେ ଅନେକ ଦାରୋଗା, ସାହୁକାର, ମହାଜନ, ଜମିଦାର ଓ ବ୍ରିଟିଶ ଅଫିସରମାନଙ୍କୁ ହତ୍ୟା କରିଥିଲେ । ବିଦ୍ରୋହକାରୀମାନଙ୍କୁ ଦମନ କରିବାପାଇଁ ଯେଉଁ ବ୍ରିଟିଶ ସିପାହୀମାନେ ଏମାନଙ୍କୁ ଆକ୍ରମଣ କରୁଥିଲେ ସେମାନଙ୍କୁ ମଧ ପ୍ରତିଆକ୍ରମଣ କରି ହତ୍ୟା କରିଥିଲେ । ସାନ୍ତାଲ୍ ହୁଲ୍ (ସାନ୍ତାଳ ବିଦ୍ରୋହ) ଭଗନାଡିହି ଠାରୁ ଆରମ୍ଭ ହୋଇ ବହୁ ଅ□ଳକୁ ଦ୍ରୁତଗତିରେ ବ୍ୟାପିବାକୁ ଲାଗିଥିଲା । ଏହାକୁ ବହୁ ସାନ୍ତାଳ ସମ୍ପ୍ରଦାୟର ଲୋକ ସମର୍ଥନ କରିବା ସହିତ ଏଥିସହ ଯୋଡ଼ିହେଉଥିଲେ । ଯେତେବେଳେ ବିଦ୍ରୋହ ଅଣାୟତ ହେବାକୁ ଲାଗିଲା ଏହାକୁ ଦମନ କରିବା ପାଇଁ ତତ୍କାଳୀନ ଗଭର୍ଣ୍ଣର ଜେନେରାଲ୍ ଲର୍ଡ଼ ଡେଲହାଉସୀ, ମେଜର ବରୋଜ ଓ ବ୍ରିଗେଡିୟର ଲାଉଡ଼ଙ୍କୁ ବିଦ୍ରୋହ ଦମନ କରିବା ପାଇଁ ଦାୟିତ୍ୱ ଦେଇଥିଲେ । ମେଜର ବରୋଜ ଓ ବ୍ରିଗେଡିୟର ଲାଉଡ୍ ମଧ ସହଜରେ ବିଦ୍ରୋହକୁ ଦମନ କରିବାରେ ସଫଳ ହୋଇପାରିନଥିଲେ । ବହୁ ପ୍ରୟାସ ପରେ ମଧ ବିଦ୍ରୋହ ଦମନ କରିବାରେ ସଫଳ ନହେବା ପରେ, ସେମାନେ ସିଦୋ ମୁର୍ମୁଙ୍କୁ ଜୀବିତ ବା ମୃତ ଧରାଇ ଦେବା କିମ୍ବା ତାଙ୍କ ବିଷୟରେ ସୂଚନା ପ୍ରଦାନ କଲେ ୧୦ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଘୋଷଣା କରିଥିଲେ । କାହ୍ନୁ ମୁର୍ମୁଙ୍କ ପାଇଁ ମଧ ସମାନ ଅର୍ଥରାଶି ଘୋଷଣା କରିଥିଲେ । ତାଙ୍କର ଅନ୍ୟ ଦୁଇଭାଇ ଚାନ୍ଦ ଓ ଭାଇରୋ ପାଇଁ ମଧ ୫୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ଘୋଷଣା କରିଥିଲେ । ଯାହାର ପରିମାଣ ବର୍ତମାନ ହିସାବରେ କରୋଡ଼ ଟଙ୍କାରେ ହେବ । ୧୮୫୫ରେ କୌଣସି ବ୍ୟକ୍ତି ଅର୍ଥରାଶିର ଲାଳସାରେ ସିଦୋ-ମୁର୍ମୁଙ୍କ ବିଷୟରେ ବ୍ରିଟିଶମାନଙ୍କୁ ସୂଚନା ଦେଇ ଧରାଇ ଦେଇଥିଲେ । ସିଦୋ ମୁର୍ମୁଙ୍କୁ ଧରିବା ପରେ, ବ୍ରିଟିଶମାନେ ମାର୍ଶଲ ଲ' କୋର୍ଟ (ବ୍ରିଟିଶ ମିଲିଟ୍ରି କୋର୍ଟ)ରେ ତତ୍କାଳ ବିଚାର କରାଇ ତାଙ୍କୁ ତତ୍କାଳ ଭାଗଲପୁରଠାରେ ଫାଶି ଦିଆଯାଇଥିଲା । ସିଦୋ ମୁର୍ମୁଙ୍କ ଫାଶି ପରେ କାହ୍ନୁ ମୁର୍ମୁ ବିଦ୍ରୋହର ସମ୍ପୂର୍ଣ୍ଣ ନେତୃତ୍ୱ ନିଜେ ନେଇ ବର୍ଷ ବର୍ଷ ଧରି ବଣ ପାହାଡ଼ରେ ଆତ୍ମଗୋପନ କରି ସଂଗ୍ରାମ ଜାରି ରଖିଥିଲେ । ୧୦ହଜାର ଟଙ୍କାର ପୁରସ୍କାର ଲାଳସାରେ କୌଣସି ବ୍ୟକ୍ତି ବ୍ରିଟିଶମାନଙ୍କୁ ତାଙ୍କ ବିଷୟରେ ମଧ ସୂଚନା ଦେଇ ଧରାଇ ଦେଇଥିଲେ । ଯାହା ଫଳରେ କାହ୍ନୁ ମୁର୍ମୁ ଅସୁସ୍ଥ ଥିବା ସମୟରେ ତାଙ୍କୁ ବ୍ରିଟିଶମାନେ ଗିରଫ କରିଥିଲେ । ତାଙ୍କର ବିଚାର ମଧ ମାର୍ଶାଲ୍ ଲ' କୋର୍ଟରେ କରାଯାଇ ଭାଗଲପୁର ଠାରେ ୨୩ ଫେବ୍ରୁଆରୀ ୧୮୫୬ରେ ସର୍ବସମ୍ମୁଖରେ ଫାଶି ଦିଆଯାଇଥିଲା । ସାନ୍ତାଲ୍ ହୁଲ୍ (ସାନ୍ତାଳ ବିଦ୍ରୋହ) ପରେ ବ୍ରିଟିଶମାନଙ୍କୁ ଅନୁଭୂତ ହେଲା ସାନ୍ତାଳ ସମ୍ପ୍ରଦାୟରେ ବସବାସ କରୁଥିବା ଅ□ଳରେ ଅଲଗା ପ୍ରଶାସନ ଆବଶ୍ୟକ, ତେଣୁ ସେମାନେ 'ସାନ୍ତାଳ ପାରଗାନା' ନାମରେ ଜିଲ୍ଲା ଗଠନ କରିଥିଲେ । ସାନ୍ତାଳ ହୁଲ୍ର ପ୍ରଭାବରେ ହିଁ ପରବର୍ତୀ ସମୟରେ ଆଦିବାସୀ ମାନଙ୍କ ଜମି ସୁରକ୍ଷା କରିବା ଉଦ୍ଦେଶ୍ୟରେ 'ସାନ୍ତାଳ ପାରଗାନା ଭୂଧାରଣ (ଅନୁପୂରକ ଉପବନ୍ଧ) ଅଧିନିୟମ' Santal Pargana Tenancy Act ପାରିତ କରାଯାଇଥିଲା । ସାନ୍ତାଲ୍ ହୁଲ୍ ବିଦ୍ରୋହ ସାରା ଦେଶରେ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ବିରୋଧ କରିବା ପାଇଁ ଏକ ସିବନୀ ସଦୃଶ କାମ କରିଥିଲା । ଏଥିରୁ ବହୁ କ୍ରାନ୍ତିକାରୀ ପ୍ରେରଣା ପାଇ ପାରିଥିଲେ ଯେ ବ୍ରିଟିଶ ବିରୁଦ୍ଧରେ ଲଢ଼ିହେବ, ବ୍ରିଟିଶ ଇଣ୍ଡିଆ ଶାସନରୁ ଭାରତକୁ ମୁକ୍ତ କରାଯାଇପାରିବ ।

*ବାଙ୍ଗିରିପୋଷି, ବାରିପଦା,*
*ମୋ:୯୪୩୯୭୩୦୬୨୬*

# ଜଳେଶ୍ୱର ସାମଗ୍ରିକ ବିକାଶ ସହିତ ୪୬ ନମ୍ବର ଲେଭ୍ଲ କ୍ରସିଙ୍ଗ ଠାରେ ଅଣ୍ଡର ପାସ ପାଇଁ ଦାବି

ଜଳେଶ୍ୱର (ନିପ୍ର ) ଜଳେଶ୍ୱର ମୁନସୀ ପାଲିଟି ଅନ୍ତର୍ଗତ ନୂଆ ବଜାର ସ୍ଥିତ ଭଞ୍ଜଶ୍ରୀ ବିହାର ସମ୍ମିଳନୀ କକ୍ଷରେ ସମାଜ କଲ୍ୟାଣ ବିକାଶ ପରିଷଦ ର ସଭାପତି ଡଃ ରମାକାନ୍ତ ଭଞ୍ଜ ସଭାପତିତ୍ୱ ରେ ଜଳେଶ୍ୱର ର ସମଗ୍ରୀକ ବିକାଶ ପାଇଁ ଆଲୋଚନା କରିଥିଲେ ।ସମ୍ପାଦକ ହାଇ କୋର୍ଟ ଆଇନଜୀବୀ ରାମଚନ୍ଦ୍ର ଜେନା ଆଲୋଚନା କରିଥିଲେ ଜଳେଶ୍ୱର ୪୬ ନମ୍ବର ଲେଭୁଲ କ୍ରସିଙ୍ଗ ରେ ଅଣ୍ଡର ପାସ ପାଇଁ ଜେନେରାଲ ମ୍ୟାନେଜର ଙ୍କୁ ଦାବି ପତ୍ର ପ୍ରଦାନ ପାଇଁ ନିଷ୍ପତି ।ଉପ ସଭାପତି ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ପ୍ରକାଶ କରିଥିଲେ ୪/୭/୨୦୨୬ ରିଖ ରେ ଜଳେଶ୍ୱର କୁ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାନନୀୟ ତହସିଲଦାର ଜଳେଶ୍ୱର ଙ୍କୁ ଦାବି ପତ୍ର ପ୍ରଦାନ ପାଇଁ ନିଷ୍ପତି ପାଇଁ କହିଥିଲେ । ପ୍ରତି ମାସରେ ଶେଷ ଶନିବାର ବୈଠକ ସମ୍ପର୍କରେ ନିଷ୍ପତି ଗ୍ରହଣ କରଯାଇଥିଲା । ଜଳେଶ୍ୱର ଷ୍ଟେସନ ସମ୍ମୁଖରେ ଭକ୍ତ କବି ଦୀନକୃଷ୍ଣ ଦାସ ଙ୍କ ପ୍ରତିମୂର୍ତି ସ୍ଥାପନ ତଥା ଜଳେଶ୍ୱର ରୁ ପୁରୀ ମେମୋ ଟ୍ରେନ କୁ ଭକ୍ତ କବି ଦୀନକୃଷ୍ଣ ଙ୍କ ନାମରେ ନାମିତ କରିବା ପାଇଁ ଜେନେରାଲ ମ୍ୟାନେଜର ଙ୍କୁ ମେମୋରେଣ୍ଡାମ ପ୍ରଦାନ ପାଇଁ ନିଷ୍ପତି କହିଥିଲେ । ସଭା ପ୍ରାରମ୍ଭରେ ସଭା ପ୍ରାରମ୍ଭରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା ।ଜଳେଶ୍ୱର ବ୍ଲକ ଆରୁହା ପଂଚାୟତର ଶାଳିକୋଠା ନିବାସୀ ତଥା ବିଶିଷ୍ଟ ଶାସ୍ତ୍ରବିତ୍,ଉତର ବାଲେଶ୍ୱର ଅଂଚଳର ଜଣେ ସୁନାମଧନ୍ୟ ପଣ୍ଡିତ,ସମାଜ ସୁଧାରକ, ଜଣେ ପ୍ରଥିତଯଶା ସଂସ୍କୃତ ଭାଷା ସାଧକ,ଆମ ଅଂଚଳର ମୁକ୍ତିମଣ୍ଡପ ର ବାର୍ତା ଦେଉଥିବା ବ୍ୟକ୍ତିତ୍ୱ,ଶାଳିକୋଠା ସ୍ଥିତ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା,ସନାତନ ସଂସ୍କୃତି ର ପ୍ରଚାରକ,ଆମ ଅଂଚଳର ଗର୍ବ ଓ ଗୌରବ ରବି ନାରାୟଣ ରଥଶର୍ମା ତା ୨୪/୬/୨୦୨୬ରିଖ ଭୋର ୪ ଘଟିକା ସମୟରେ ପରଲୋକ ଗମନ କରିଥିଲେ । ଦିବଂଗତ ଆତ୍ମା ଙ୍କ ସଦଗତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା ।ଜଳେଶ୍ୱର ଷ୍ଟେସନ ରେ ବିଭିନ୍ନ ଟ୍ରେନ ରହଣୀ ଦାବି ପତ୍ର ପ୍ରଦାନ ପାଇଁ ମାନ୍ୟବର କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଯୁକ୍ତ ଅଶ୍ୱିନୀ ବୈଷ୍ଣବ ଙ୍କୁ ଏକ ସ୍ମାରକପତ୍ର ଜଳେଶ୍ୱର ରେଲୱେ ଷ୍ଟେସନ ମ୍ୟାନେଜର, ଜଳେଶ୍ୱର ଶ୍ରୀ ଯୁକ୍ତ ଚନ୍ଦନ କୁମାର ସିଂହ ଙ୍କ ଜରିଆରେ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତି କରାଯାଇଥିଲା । ସମାଜ କଲ୍ୟାଣ ବିକାଶ ପରିଷଦ ର କୋଷାଧକ୍ଷ ବନମାଳୀ ଧଳ ସହିତ ଷ୍ଟେସନ ମ୍ୟାନେଜର ଙ୍କୁ ଏକ ଜଳେଶ୍ୱର ଷ୍ଟେସନରେ ଫୁଟ ଓଭରବ୍ରିଜ୍ ନିର୍ମାଣ ରେ ଅହେତୁକ ବିଳମ୍ବ ଯୋଗୁଁ ଆଇରନ ଷ୍ଟ୍ରକଚର ରେ ଅତିଶୀଘ୍ର ଏକ ଫୁଟବ୍ରିଜ ନିର୍ମାଣ, ଅମୃତ ଭାରତ ଷ୍ଟେସନ ଅନ୍ତର୍ଭୁକ୍ତ କାର୍ଯ୍ୟ ଅତ୍ୟନ୍ତ ନୈରାଶ୍ୟଜନକ, ସମସ୍ତ ସାପ୍ତାହିକ ଟ୍ରେନ ଅପ ଏବଂ ଡାଉନ୍ ଜଳେଶ୍ୱର ଷ୍ଟେସନ ରେ ରହଣୀ, ଭୋଗରାଇ ର ଜଳେଶ୍ୱର ପୁର ଛକରେ ରେଲୱେ ର ଏକ ଟିକେଟ କାଉଂଟର ର ସେଲିଂ ଦୀଘା ଷ୍ଟେସନ ନାମରେ ନଯାଇ ଜଳେଶ୍ୱର ଷ୍ଟେସନ ର ରେଭନ୍ୟୁ ସହିତ ଯୋଡ଼ିବା,ବଗି ଇଣ୍ଡି କେଟର୍ କାର୍ଯ୍ୟ ସମାପନ ହୋଇଥିଲା ବେଳେ କାର୍ଯ୍ୟ କରିବା ରେ ବିଳମ୍ବ,ଏ ସମସ୍ତ ଦାବି କୁ ଆଖି ଆଗରେ ରଖି ବୈଠକ ରେ ଆଲୋଚନା କରିଥିଲେ । ସହସମ୍ପାଦକ ଅବନୀ କୁମାର ଚାନ୍ଦ,ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ପରିଡା,ଇ ରାମଚନ୍ଦ୍ର ସାହୁ, ସିଦ୍ଧେଶ୍ୱର ପଣ୍ଡା, ଆଇନଜୀବୀ ସତ୍ୟ ନାରାୟଣ ଦାସ, ଶିକ୍ଷାବିତ୍ ଅଞ୍ଜନ କୁମାର ଦେ , ମୁରଲୀ ମୋହନ ପ୍ରଧାନ, ସମାଜ ପ୍ରତିନିଧି ରବି ନାରାୟଣ ପାତ୍ର, ଧନ୍ୟବାଦ ଅର୍ପଣ କରିଥିଲେ ସତ୍ୟନାରାୟଣ ଦାସ ।

# ସ୍ୱଦେଶୀ ଜାଗରଣ ମଂଚର ଦୁଇଦିନିଆ ପ୍ରଶିକ୍ଷଣବର୍ଗ ଉଦ୍ଯାପିତ

ନବରଙ୍ଗପୁର ( ନି .ପ୍ର ) ସ୍ୱଦେଶୀ ଜାଗରଣ ମଂଚ ଓଡିଶା ପଶ୍ଚିମ ପ୍ରାନ୍ତର ଦୁଇଦିନିଆ ପ୍ରଶିକ୍ଷଣ ତଥା ବିଚାରବର୍ଗ ରବିବାର ଉଦଯାପିତ ହୋଇଯାଇଛି । ମଂଚରେ ଅଖିଳ ଭାରତୀୟ ସମ୍ପର୍କ ପ୍ରମୁଖ ଇଂ ଅନ୍ନଦା ଶଙ୍କର ପାଣିଗ୍ରାହୀ ଯୋଗଦେଇ ବିକାଶର ଭାରତୀୟ ଅବଧାରଣ ସମ୍ପର୍କରେ ଆଲୋଚନା କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ, ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ଶ୍ରୀଯୁକ୍ତ ଗୌରୀଶଙ୍କର ମାଝୀ ସଭାରେ ଯୋଗଦେଇ ଦୈନନ୍ଦିନ ଜୀବନରେ ସ୍ୱଦେଶୀକୁ ଅପଣେଇବା ସହ ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ




ପହଂଚାଇବା ପାଇଁ ଆହ୍ୱାନ ଦେଇଥିଲେ । ଦେଶର ଆର୍ଥିକ ନୀତି, ଗ୍ରାମୀଣ ବିକାଶ, କାର୍ଯ୍ୟକର୍ତାଙ୍କ ଦକ୍ଷତା ବୃଦ୍ଧି, ପରିବେଶ ର ସୁରକ୍ଷା, ସ୍ୱଦେଶୀ ସୁରକ୍ଷା ସ୍ୱାବଲମ୍ବନ ଅଭିଯାନ କାର୍ଯ୍ୟକ୍ରମ ତଥା ସମସ୍ତ ସରକାରୀ ଯୋଜନାର ସଫଳ ରୁପାୟନ ଭଳି ବିଭିନ୍ନ ବିଷୟରେ ଆଲୋଚନା ଓ ବିଚାର ବିମର୍ଷ ଗତ ଦୁଇଦିନ ଧରି ଚାଲିଥିଲା । ଓଡ଼ିଶା ପଶ୍ଚିମ ପ୍ରାନ୍ତର ୧୪ ଜିଲ୍ଲା ମାନଙ୍କରୁ ୧୨୦ କାର୍ଯ୍ୟକର୍ତା ସ୍ୱଦେଶୀ ଜାଗରଣ ମଂଚର ରାଷ୍ଟ୍ରୀୟ ପର୍ଯ୍ୟାବରଣ ପ୍ରମୁଖ ବଂଦେଶଙ୍କର ସିଂହ, କ୍ଷେତ୍ରୀୟ ବିଚାରବିଭାଗ ପ୍ରମୁଖ ରମାକାନ୍ତ ପାତ୍ର, ରାଜ୍ୟ ସଂଯୋଜକ ମନୋରଞ୍ଜନ ରାଉତରାୟ, ସହ ସଂଯୋଜକ ଭୀମସେନ ନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ନବରଙ୍ଗପୁର ସାଂସଦ ଇଂ ବଳଭଦ୍ର ମାଝୀ ପ୍ରଶିକ୍ଷଣ ବର୍ଗରେ ଯୋଗଦେଇ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ରବିନାରାୟଣ ମିଶ୍ର ସଂଯୋଜନା କରିଥିବା ବେଳେ ମଂଚର ନବରଙ୍ଗପୁର ଜିଲ୍ଲା ସଂଯୋଜକ ପ୍ରଭଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ବସନ୍ତ ସ୍ୱାଇଁ, ସୁବ୍ରତ ମିଶ୍ର, ରିତେଶ ହଲଦାର, ତନ୍ମୟ ପ୍ରଧାନ, ଅଭୟ ପ୍ରସାଦ ଜେନା, ମନୋଜ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଦଳିତ ଡେଭଲପମେଂଟ ମିଶନ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା, ଶିକ୍ଷା ମାଧ୍ୟମରେ ସଶକ୍ତିକରଣ ଉପରେ ଗୁରୁତ୍ୱ

ନୂଆପଡ଼ା : (ନି.ପ୍ର) 'ଶିକ୍ଷିତ ହୁଅ, ସଂଗଠିତ ହୁଅ, ସଂଘର୍ଷ କର' ଏହି ପ୍ରେରଣାଦାୟକ ନାରାକୁ ବାସ୍ତବ ରୂପ ଦେବା ଏବଂ ଦଳିତ ସମାଜର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଦଳିତ ଡେଭଲପମେଂଟ ମିଶନ ପକ୍ଷରୁ ଏକ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଉତ୍ସବ ନୂଆପଡା ଜିଲ୍ଲାର ଡମଗଣା ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ମାଲ୍ୟବନ୍ତ ସୁନା ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆପଡା ଜିଲ୍ଲା ସମେତ ଜିଲ୍ଲା ବାହାରରୁ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତିତ୍ୱ ହାସଲ



କରିଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ଯୋଗଦେଇଥିଲେ । ଆୟୋଜିତ ସଭାରେ ମୁଖ୍ୟ ଅତିଥି ଡ଼କ୍ଟର ବାସୁଦେବ ସୁନାନି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଡମଗଣା ସମାଜର ସଭାପତି ହରିକେଶ ଜାଲ , ଦଳିତ ଡେଭଲପମେଂଟ ମିଶନର ସଭାପତି ଶ୍ରବଣ ନିଆଲ, ଦୟାନିଧି ବାଗ, ପୁଷ୍ପାଞ୍ଜଳି ପାଣ୍ଡେ, ଅସୀମା ବାଗ, ଛବି ସାଗର, ଘନଶ୍ୟାମ ଭିତ୍ରିଆ, ପୂର୍ଣ୍ଣଚନ୍ଦ୍ର ନେତାମ, ରବୀନ୍ଦ୍ର କୁମାର ବିରାଲ ସେନ ନାଗ ପ୍ରମୁଖ ଉପସ୍ଥିତ ରହି ଆଜିର ସମୟରେ ଶିକ୍ଷାର ଗୁରୁତ୍ୱ, ନୈତିକ ମୂଲ୍ୟବୋଧ, ଉଚ୍ଚଶିକ୍ଷା ଓ ସଫଳ କ୍ୟାରିୟର ଗଠନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ବକ୍ତାମାନେ କହିଥିଲେ ଯେ, ସମାଜର ସାମଗ୍ରିକ ବିକାଶ ପାଇଁ ଶିକ୍ଷା ହେଉଛି ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ଏବଂ ଯୁବପିଢ଼ି ଶିକ୍ଷିତ ହେଲେ ସମାଜରେ ସକାରାତ୍ମକ ପରିବର୍ତନ ସମ୍ଭବ । ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଓ ସ୍ମାରକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପଦକ୍ଷେପ ଦଳିତ ସମାଜର ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷା ପ୍ରତି ଅଧିକ ଆଗ୍ରହ ସୃଷ୍ଟି କରିବା ସହ ସେମାନଙ୍କୁ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଥିଲା କ୍ଷ ଏହି କାର୍ଯ୍ୟକ୍ରମ କୁ ଲୈବାନ ବାଗ, ପୀତବାସ ଜଗତ, ଇନ୍ଦ୍ର ବାଗ, ବଳବିନ୍ଦର ସିଂ ତାଣ୍ଡି, ଗଜେନ୍ଦ୍ର ସୁନା ଙ୍କ ସହ ନବୀନ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

# ମହାତ୍ମା ଗାନ୍ଧୀ ଟଟୋ ଏସୋସିଏସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ



ଜଳେଶ୍ୱର (ନିପ୍ର ) ଜଳେଶ୍ୱର ଷ୍ଟେସନ ବଜାର ସ୍ଥିତ କାଳୀ ମନ୍ଦିର ସମ୍ମିଳନୀ କକ୍ଷରେ ମହାତ୍ମାଗାନ୍ଧୀ ଟଟୋ ଏସୋସିଏସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ୫୬ ଇଉନିଟ ରକ୍ତ ସଂଗ୍ରହ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ହାଇକୋର୍ଟ ଆଇନଜୀବୀ ରାମଚନ୍ଦ୍ର ଜେନା । ମୁଖ୍ୟ ଅତିଥି ଭାବରେ ଜଳେଶ୍ୱର ଥାନା ଅଧିକାରୀ ଅଶୋକ କୁମାର ବାରିକ, ଜିଲ୍ଲା ରକ୍ତ ଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତୀ, ସମ୍ପାଦକ ଇ ଡଃ ହୃଷୀକେଶ ସାହୁ,ଜଳେଶ୍ୱର ଥାନା ଅଧିକାରୀ ଅଶୋକ କୁମାର ବାରିକ,ଜଜଳେଶ୍ୱର ରକ୍ତ ଦାତା ସଂଘ ର ସଭାପତି ଡଃ ଅଜିତ କୁମାର ମହାନ୍ତି, ହାଇକୋର୍ଟ ଆଇନଜୀବୀ ରାମଚନ୍ଦ୍ର ଜେନା, ବଣିକ ସଂଘ ର ସଭାପତି ସୁଧୀର କୁମାର ମହାନ୍ତି, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ସମ୍ପାଦକ ସୁବ୍ରତ କୁମାର ରଣା,ଲକ୍ଷ୍ମୀଧର ବାରିକ, ସମାଜସେବୀ ସିଦ୍ଧାର୍ଥ ଶଙ୍କର ପାଳ, ସମ୍ବାଦିକ ରବିନ୍ଦ୍ରନାଥ ସେନାପତି, ଅଶ୍ୱିନୀ କୁମାର ନାଥ, ସାମ୍ବାଦିକ ସୁଶାନ୍ତ କୁମାର ପ୍ରଧାନ,ଟୋ ଏସୋସିଏସନ ର ସଭାପତି ଧିରେନ୍ଦ୍ର ଭୂୟାଁ,ତପନ କୁମାର ସୁର,ଖୁକନ ଦେବନାଥ,ସପନ ଜେନା, ଦେବର୍ଷି ଜେନା,ହାଜିରା ବିବି, ରାଧାକାନ୍ତ ନନ୍ଦୀ, ଚିନ୍ମୟ କୁମାର ଚାନ୍ଦ, କାଉନସିଲର ସୁରଜ୍ କୁମାର ଚୈ ।ରାସିଆ, ଉମେଶ ଚନ୍ଦ୍ର ବାରିକ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜୁନ୍ ମାସର ପଲ୍ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ



ଝାରସୁଗୁଡା : ଜୁନ୍ ମାସର ଇଂଟେନ୍ସିଫାଇଡ୍ ପଲ୍ସ ପୋଲିଓ ଇମ୍ୟୁନାଇଜେସନ୍ (ଓଚଚଓ) କାର୍ଯ୍ୟକ୍ରମର ଶୁଭାରମ୍ଭ ଆଜି ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଉଐଐ) ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥିମାନେ ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ପୋଲିଓ ଟିକାର ଦୁଇ ବୁନ୍ଦ ପିଆଇ ଅଭିଯାନର ଶୁଭାରମ୍ଭ କରିଥିଲେ ।

# ଟୋକନ ଅଭାବରୁ ମଣ୍ଡିରେ ପଡ଼ି ରହିଛି ଧାନ ଚାଷୀଙ୍କ ଦୁର୍ଦ୍ଦଶାକୁ ନେଇ ବଙ୍ଗୋମୁଣ୍ଡା ମଣ୍ଡିରେ ଧାରଣା

ବଲାଙ୍ଗିର : (ହି.ସ.) କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଧାନ ମଣ୍ଡିରେ ଟୋକନ ଅଭାବ ଯୋଗୁଁ ଚାଷୀମାନଙ୍କ ଧାନ ମାସ ମାସ ଧରି ଅବିକ୍ରିତ ଅବସ୍ଥାରେ ପଡ଼ି ରହିଥିବା ଅଭିଯୋଗ ହୋଇଛି । ଧାନ ଉଠାଣରେ ବିଳମ୍ବ ହେବାରୁ ଚାଷୀମାନେ ନିଜ ଅମଳକୁ ଖୋଲା ଆକାଶ ତଳେ ଜଗି ରହିବାକୁ ବାଧ ହେଉଥିବା ବେଳେ ବର୍ଷା ଓ ଅନ୍ୟାନ୍ୟ ପ୍ରାକୃତିକ ବିପଦର ଭୟ ମଧ ବଢ଼ି ଚାଲିଛି । ଚାଷୀ ମାନଙ୍କ ଏହି ସମସ୍ୟାକୁ ନେଇ ବିଜୁ ଜନତା ଦଳର ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅଜିତ ଯୋଶୀ ବଙ୍ଗୋମୁଣ୍ଡା ମଣ୍ଡିରେ ଚାଷୀ ମାନଙ୍କୁ ନେଇ ଧାରଣାରେ ବସିଥିଲେ । ସେ ତୁରନ୍ତ ଟୋକନ ବ୍ୟବସ୍ଥା ସୁଚାରୁ ଭାବେ କରି ମଣ୍ଡିରେ ପଡ଼ି ରହିଥିବା ଧାନ ଶୀଘ୍ର ଉଠାଇବାକୁ ଦାବି କରିଥିଲେ । ଧାରଣା ସ୍ଥଳରେ ଶ୍ରୀ ଯୋଶୀ ରାଜ୍ୟ ସରକାର ଏବଂ କୃଷି ମନ୍ତ୍ରୀଙ୍କୁ କଟୁ ସମାଲୋଚନା କରି କହିଥିଲେ ଯେ, କୃଷି ମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଯଦି ଚାଷୀ ମାନେ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି, ତେବେ ରାଜ୍ୟର ଅନ୍ୟ ଅଂଚଳର ସ୍ଥିତି ସହଜରେ ଅନୁମାନ କରାଯାଇ ପାରିବ । ଚାଷୀଙ୍କ ପରିଶ୍ରମର ମୂଲ୍ୟ ଦେବାରେ ସରକାର ବିଫଳ ହୋଇଥିବା ସେ ଅଭିଯୋଗ କରିଥିଲେ । ଚାଷୀମାନେ ମଧ ତୁରନ୍ତ ଧାନ ଉଠାଣ ବ୍ୟବସ୍ଥା କରିବା ସହିତ ଟୋକନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କୁ ଦାବି ଜଣାଇଥିଲେ । ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି ।





# ବିଂଶତମ ପରିସଂଖ୍ୟାନ ଦିବସ ୨୦୨୬ରେ ଉଦ୍‌ବୋଧନ ଦେଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର

ନୂଆଦିଲ୍ଲୀ: ଭାରତର ପରିବର୍ତ୍ତିତ ଅର୍ଥବ୍ୟବସ୍ଥାକୁ ଭଲଭାବେ ପ୍ରଦର୍ଶିତ କରିବା ଲାଗି ଜିଡିପି, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଏବଂ ଶିଳ୍ପ ଉତ୍ପାଦନ ସୂଚକାଙ୍କ ଭଳି ପ୍ରମୁଖ ସାମଗ୍ରିକ ଆର୍ଥିକ ସୂଚକାଙ୍କୁ ନୂତନ ଆଧାର ବର୍ଷ ସହିତ ଅପଡେଟ୍ କରାଯାଉଛି: ଡକ୍ଟର ପି.କେ. ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପନା ଅନୁଯାୟୀ, ପ୍ରଶାସନର ଭବିଷ୍ୟତ ତଥ୍ୟ-ଚାଳିତ ନିଷ୍ପତି ଗ୍ରହଣ ଉପରେ ନିର୍ଭରଶୀଳ; ବିକଶିତ ଭାରତ ଆଡ଼କୁ ଯାତ୍ରା ଭରସାଯୋଗ୍ୟ ତଥ୍ୟ ଉପରେ ନିର୍ଭରଶୀଳ ହେବା ଉଚିତ: ଡକ୍ଟର ପି.କେ. ମିଶ୍ର ଗୁଣବତା, ଗୋପନୀୟତା, ସ୍ୱଚ୍ଛତା ଏବଂ ତଥ୍ୟଗତ ସ୍ୱାଧୀନତାର ଉଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିବା ପାଇଁ ଦୃଢ଼ ସଂସ୍ଥାଗତ ଢାଂଚା ପ୍ରସ୍ତୁତ କରିବାର ପ୍ରୟାସ ଉପରେ ଆଲୋକପାତ କଲେ ଡକ୍ଟର ମିଶ୍ର ଭାରତର ଦ୍ରୁତ ଡିଜିଟାଲ ପରିବର୍ତ୍ତନ ପ୍ରଶାସନିକ ତଥ୍ୟର ବିଶାଳ ଭଣ୍ଡାର ସୃଷ୍ଟି କରିଛି ଯାହାକୁ ରଣନୀତିକ ଜାତୀୟ ସମ୍ପତି ଭାବରେ ବିବେଚନା କରାଯିବା ଉଚିତ: ଡକ୍ଟର ପି.କେ. ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଆଜି ବିଂଶତମ ପରିସଂଖ୍ୟାନ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଛନ୍ତି । ସମାରୋହରେ ଉଦବୋଧନ ଦେଇ ଡକ୍ଟର ମିଶ୍ର ପ୍ରଫେସର ପ୍ରସାନ୍ତ ଚନ୍ଦ୍ର ମହାଲନୋବିସଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏଥିସହିତ ଭାରତର ପରିସଂଖ୍ୟାନ ବ୍ୟବସ୍ଥା ଗଠନରେ ତାଙ୍କର ପ୍ରମୁଖ ଅବଦାନକୁ ମନେ ପକାଇଛନ୍ତି । ସଚେତନ ପ୍ରଶାସନ ପାଇଁ ଦୃଢ଼ ପରିସଂଖ୍ୟାନର ଦୀର୍ଘସ୍ଥାୟୀ ଗୁରୁତ୍ୱ ଉପରେ ସେ ଜୋର ଦେଇଛନ୍ତି । ଭିଜନ୍ ଡକ୍ୟୁମେଂଟ ୨୦୨୬-୩୧, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ପ୍ରଗତି ରିପୋର୍ଟ, ଶ୍ରମ ବଜାର ଏବଂ ଅନୌପଚାରିକ ଉଦ୍ୟୋଗଗୁଡ଼ିକର ପ୍ରଥମ ସହରସ୍ତରୀୟ ଆକଳନ ପ୍ରକାଶ ପାଇଁ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟକୁ ସେ ଅଭିନନ୍ଦନ ଜଣାଇଥିଲେ । ଡକ୍ଟର ମିଶ୍ର ଏହି ଅବସରରେ ସୁଖାତ୍ମେ ଜାତୀୟ ପୁରସ୍କାର ପାଇଥିବା ପ୍ରଫେସର ଅରୂପ ବୋଷଙ୍କୁ ମଧ୍ୟ ସମ୍ମାନିତ କରିଥିଲେ । ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀଙ୍କ ତଥ୍ୟ-ଚାଳିତ ପ୍ରଶାସନ ଏବଂ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, ବର୍ଷର ପରିସଂଖ୍ୟାନ ଦିବସର ବାର୍ତା ‘‘ପ୍ରଶାସନିକ ତଥ୍ୟର ସମ୍ଭାବନାକୁ ଉଜାଗର କରିବା’’ ଭାରତର ପରିସଂଖ୍ୟାନ ଇକୋସିଷ୍ଟମ ଏବଂ ପ୍ରମାଣ-ଆଧାରିତ ନୀତି ନିର୍ଦ୍ଧାରଣକୁ ସୁଦୃଢ଼ ? ?କରିବା ଦିଗରେ ଏକ ପରିବର୍ତନକାରୀ ପଦକ୍ଷେପକୁ ପ୍ରତିଫଳିତ କରେ । ଏହା ଅତ୍ୟନ୍ତ



ପ୍ରାସଙ୍ଗିକ ଏବଂ ସମୟୋଚିତ । ପରିସଂଖ୍ୟାନ କ୍ଷେତ୍ରରେ ଭାରତର ଅଗ୍ରଣୀ ଭୂମିକାକୁ ସ୍ମରଣ କରି ଡକ୍ଟର ପି.କେ. ମିଶ୍ର କହିଥିଲେ, ଦେଶ ୧୯୫୦ ଦଶକରେ ବିଶ୍ୱର ସର୍ବୋତମ ସର୍ଭେ-ଆଧାରିତ ପରିସଂଖ୍ୟାନ ପ୍ରଣାଳୀ ମଧ୍ୟରୁ ଅନ୍ୟତମକୁ ପ୍ରସ୍ତୁତ କରିଥିଲା । ଜାତୀୟ ନମୁନା ସର୍ବେକ୍ଷଣ ଏକ ବିଶ୍ୱସ୍ତରୀୟ ପ୍ରଶଂସିତ ମଡେଲ ଭାବରେ ଉଭା ହୋଇଥିଲା । ଏହା ବିକାଶଶୀଳ ବିଶ୍ୱରେ ଗବେଷଣା ଏବଂ ନୀତି ନିର୍ଦ୍ଧାରଣକୁ ଆକାର ଦେଇଥିଲା । ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ ଏବଂ ସାଂଖ୍ୟ ପତ୍ରିକା ପ୍ରତିଷ୍ଠା କରିଥିବା ପ୍ରଫେସର ପି.ସି. ମହାଲନୋବିସଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଅବଦାନ ଭାରତରେ ଆଧୁନିକ ପରିସଂଖ୍ୟାନ ବିଜ୍ଞାନର ମୂଳଦୁଆ ପକାଇଥିଲା । ତାଙ୍କ ଚିନ୍ତାଧାରା ଦ୍ୱିତୀୟ ପଂବାର୍ଷିକ ଯୋଜନା ପ୍ରସ୍ତୁତିରେ ସହାୟକ ହୋଇଥିଲା ବୋଲି ଡକ୍ଟର ମିଶ୍ର କହିଥିଲେ । ନିଜସ୍ୱ ଶିକ୍ଷାଗତ ଅଭିଜ୍ଞତା ଉପରେ ଆଲୋକପାତ କରି ସେ ଆହୁରି କହିଥିଲେ, ଭାରତୀୟ ପରିସଂଖ୍ୟାନ ତଥ୍ୟ ଏବଂ ପଦ୍ଧତିକୁ ଦୀର୍ଘ ସମୟ ଧରି ପ୍ରମୁଖ ଅନ୍ତର୍ଜାତୀୟ ଗବେଷକମାନେ ଗୁରୁତ୍ୱ ଦେଇଆସୁଛନ୍ତି । ପ୍ରଫେସର ସି.ଆର. ରାଓ ଏବଂ ପ୍ରଫେସର ପି.ଭି. ସୁଖାତ୍ମେଙ୍କ ପରି ପ୍ରଖ୍ୟାତ ପରିସଂଖ୍ୟାନବିଦଙ୍କ ଏଥିରେ ଅମୂଲ୍ୟ ଯୋଗଦାନ ରହିଛି । ସେମାନଙ୍କର ଅଗ୍ରଣୀ କାର୍ଯ୍ୟ ବିଶ୍ୱ ସ୍ତରରେ ଏହି କ୍ଷେତ୍ରକୁ ପ୍ରଭାବିତ କରି ଚାଲିଛି । ଭାରତର ପରିସଂଖ୍ୟାନ ବ୍ୟବସ୍ଥାର ଆଧୁନିକୀକରଣ ବିଷୟରେ ମଧ୍ୟ ଡକ୍ଟର ପି.କେ. ମିଶ୍ର ମତ ରଖିଥିଲେ । ସେ କହିଥିଲେ, ଅନେକ ଦଶନ୍ଧିର ଉତ୍କର୍ଷତା ପରେ ଏହି ବ୍ୟବସ୍ଥା ପୁରୁଣା ଡାଟାସେଟ୍, ତଥ୍ୟ ପ୍ରସାରଣରେ ବିଳମ୍ବ, ଖଣ୍ଡିତ ପରିସଂଖ୍ୟାନ ଢାଂଚା, ଅସମାନ ତଥ୍ୟ ଗୁଣବତା ଏବଂ ବୃତିଗତ କ୍ଷମତା ହ୍ରାସ ଭଳି ଆହ୍ୱାନର ସାମ୍ନା କରିଥିଲା । ଏସବୁ ଆହ୍ୱାନର ସମାଧାନ କରିବାର ଚିନ୍ତାଧାରା ନେଇ ବିଶେଷଜ୍ଞ, ପ୍ରମୁଖ ପ୍ରତିଷ୍ଠାନ ଏବଂ ଅଂଶୀଦାରମାନଙ୍କ ବ୍ୟାପକ ବିଚାରବିମର୍ଶ ହୋଇଥିଲା । ଏହାପରେ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଏକ ବ୍ୟାପକ ସଂସ୍କାରକୁ ରୂପ ଦେଇଥିଲା । ଏହି ଆଲୋଚନା ଓ ପର୍ଯ୍ୟାଲୋଚନାକୁ ଆଧାର କରି ମନ୍ତ୍ରଣାଳୟ ଏକ ସଂସ୍ଥାଗତ ତଦାରଖ ବ୍ୟବସ୍ଥା ଅଧୀନରେ ସମୟସୀମା କାର୍ଯ୍ୟକାରୀ କରିବା ପାଇଁ ୨୧୬ଟି ସୁପାରିସକୁ ଗ୍ରହଣ କରିଛି । ସଂସ୍କାର କାର୍ଯ୍ୟକାରୀ ହେବା ଫଳରେ ନୂତନ ଏବଂ ଉପଭୋକ୍ତା ଚାହିଦା-ଆଧାରିତ ସର୍ବେକ୍ଷଣ କରାଯାଇଛି । ସାମଗ୍ରିକ ଆର୍ଥିକ ସୂଚକାଙ୍କଗୁଡ଼ିକୁ ଅପଡେଟ୍ କରାଯାଇଛି । ଉନ୍ନତ ତଥ୍ୟର ପ୍ରସାରଣ ଏବଂ ଗୁରୁତ୍ୱପୂର୍ଣ୍ଣ ପଦ୍ଧତିଗତ ତଥା ପ୍ରକ୍ରିୟା ଆଧାରିତ ସଂସ୍କାର ପ୍ରଚଳନ ହୋଇଛି । ଏହା ଏକ ଅଧିକ ଦୃଢ଼, ବିଶ୍ୱସନୀୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିସଂଖ୍ୟାନ ବ୍ୟବସ୍ଥା ପାଇଁ ମୂଳଦୁଆ ପକାଇଛି । ୨୦୨୦ ରୁ ୨୦୨୫ ପର୍ଯ୍ୟନ୍ତ ପାଂଚ ବର୍ଷ ମଧ୍ୟରେ ସଂସ୍କାର ପ୍ରକ୍ରିୟାକୁ ପରିଚାଳନା କରିବା ପାଇଁ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ନେତୃତ୍ୱକୁ ଡକ୍ଟର ମିଶ୍ର ପ୍ରଶଂସା କରିଥିଲେ । ସେ କହିଥିଲେ, ୨୦୨୦ ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ପରିସଂଖ୍ୟାନ ମନ୍ତ୍ରଣାଳୟ ମିଳିତ ଭାବେ ସମସ୍ୟାଗୁଡ଼ିକର ବିଶ୍ଳେଷଣ, ପଦକ୍ଷେପ ନିର୍ଦ୍ଧାରଣ କରିବା ଏବଂ ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏକ ଉତ୍ପ୍ରେରକ ଏବଂ ସୁବିଧାଦାତା ଭାବରେ କାର୍ଯ୍ୟ କରିଥିଲା । ଏହା ମନ୍ତ୍ରଣାଳୟକୁ ଏକ ଦୃଢ଼, ଅଧିକ ବିଶ୍ୱସନୀୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିସଂଖ୍ୟାନ ପ୍ରଣାଳୀ ଗଠନ କରିବା ପାଇଁ ନିଜର ସଂସ୍ଥାଗତ ବିଶେଷଜ୍ଞତା ଓ କ୍ଷମତାକୁ ବ୍ୟବହାର କରିବାକୁ ସକ୍ଷମ କରିଥିଲା । ଚଳିତ ବର୍ଷର ପରିସଂଖ୍ୟାନ ଦିବସର ବିଷୟବସ୍ତୁ ‘ପ୍ରଶାସନିକ ତଥ୍ୟର ସମ୍ଭାବନାକୁ ଉଜାଗତର କରିବା’ ଉପରେ ଗୁରୁତ୍ୱାରୋପ କରି ଡକ୍ଟର ପି.କେ. ମିଶ୍ର କହିଥିଲେ, ଭାରତର ଦ୍ରୁତ ଡିଜିଟାଲ ପରିବର୍ତ୍ତନ ପ୍ରଶାସନିକ ତଥ୍ୟର ବିଶାଳ ଭଣ୍ଡାର ସୃଷ୍ଟି କରିଛି ।

# ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରା ଚାଲାଣ ବିରୋଧରେ ସଚେତନତା

ଯାଜପୁର(ନିପ୍ର): ଏଆଇଡ଼ିଏସ୍‌ଓ ଯାଜପୁର ଜିଲ୍ଲା କମିଟି ଉଦ୍ୟୋଗରେ ତ୍ରୁଟିପୂର୍ଣ୍ଣ ପ୍ରତ୍ୟାହାର କରିବା ଓ ବିଜ୍ଞାନସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ୍ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତକ ଶିକ୍ଷାଦାନ ଆରମ୍ଭ କରିବା ଦାବୀରେ ଯାଜପୁର ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇ ସଭାରେ ଯାଜପୁର ଜିଲ୍ଲାର ଏ.ଆଇ.ଡି.ଏସ୍.ଓ ସଭାନେତ୍ରୀ କମ୍ରେଡ଼ ସଂଯୁକ୍ତା ସାହୁଙ୍କ ନେତୃତ୍ୱରେ ଏକ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇ ଥିଲା ଓ ଆପଣମାନେ ଜାଣନ୍ତି ବର୍ଷରୁ ଏନ୍‌ଇପି - ୨୦୨୦ ଆଧାରରେ ରାଜ୍ୟ ସରକାର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟ ପୁସ୍ତକ କରିଛନ୍ତି ଓ ଉକ୍ତ ପାଠ୍ୟ ପୁସ୍ତକ ଗୁଡିକରେ ଏଯାବତ୍ ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ତ୍ରୁଟି ପରିଲକ୍ଷିତ ହୋଇଛି । ପାଠ୍ୟ ଭିନ୍ନ ଭିନ୍ନ ସ୍ତରରେ ଯାଂଚ ନ କରି ସିଧାସଳଖ ଛାପି ସ୍କୁଲ୍ ଗୁଡ଼ିକୁ ପଠାଇ ଦେଇଛନ୍ତି । ଏହି ବହି ଗୁଡିକରେ ବ୍ୟାପ ତଥ୍ୟଗତ ଓ ବିଚାରଗତ ତ୍ରୁଟି ରହିଅଛି । ମୂଳତଃ ଏହି ପୁସ୍ତକ ଗୁଡ଼ିକରେ ଥିବା ବିଷୟବସ୍ତୁ ଗୁଡ଼ିକ ବୈଜ୍ଞାନିକ ସାମଗ୍ରିକ ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବ । ଆହୁରି ମଧ୍ୟ ବିଭିନ୍ନ ଅଯୌକ୍ତିକ, ମନଗଢା କାହାଣୀକୁ ଭର୍ତି କରାଯାଇ ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି । ଏହା କେବଳ ଏକ ତ୍ରୁଟି ନୁହେଁ ଅପରନ୍ତୁ – ପଦକ୍ଷେପ ବୋଲି ବକ୍ତାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ । ତେଣୁ ଏନ୍‌ଇପି -୨୦୨୦ କୁ ତୁରନ୍ତ ବାତିଲ କରି ଏହ ବୈଜ୍ଞାନିକ, ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ଶିକ୍ଷାନୀତି ପ୍ରଚଳନ କରିବା । ତ୍ରୁଟିପୂର୍ଣ୍ଣ ପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହା ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟ ପୁସ୍ତକ ନହେବା ପର୍ଯ୍ୟନ୍ତ ଗତବର୍ଷ ବହିରେ ଶିକ୍ଷାଦାନ ଏଆଇଡ଼ିଏସ୍‌ଓ ର ବକ୍ତା ମାନେ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ । ଉକ୍ତ ବିକ୍ଷୋଭ ସଭାରେ ସଂଯୁକ୍ତା ସାହୁ, ଦମୟନ୍ତୀ ମୁଦୁଲି, ନିଗମାନନ୍ଦ ଦାସ, ମଧୁସୂଦନ ସେଠୀ ଓ ଜ୍ୟୋତିର୍ମୟୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଭଜନ ସମାରୋହ ଅନୁଷ୍ଠିତ



ନୟାଗଡ଼(ନିପ୍ର): ସଙ୍ଗୀତଧାରା, ନୟାଗଡ଼ ଏବଂ ନବକଳେବର ରଥ ଚକ ସ୍ଥାପନ କମିଟିର ମିଳିତ ଆନୁକୂଲ୍ୟରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଦିନ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ ଉପଲକ୍ଷେ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ କଳାକାର ମାନଙ୍କୁ ନେଇ ଏକ ଭବ୍ୟ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ପ୍ରାଣକୃଷ୍ଣ ମହାରଣା, କଣ୍ଠଶିଳ୍ପୀ ଜୟଶ୍ରୀ ଦେବୀ, ସୁର ଗନ୍ଧର୍ବ କଣ୍ଠଶିଳ୍ପୀ ନବ କିଶୋର ମିଶ୍ର, ଡ. ଆଶୁତୋଷ ମିଶ୍ର, ମାଧବ ଡାକୁଆ, ବିଷ୍ଣୁପ୍ରିୟା ବେହେରା, ଓମ ପ୍ରକାଶ ମହାରଣା, ଶୁଚିସ୍ମିତା ଦୋରା ପ୍ରମୁଖ ଭଜନ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଦେବୋତର ପରିଚାଳକ ତାପସ ରଞ୍ଜନ ପଟ୍ଟନାୟକ ଉଦଘାଟନ କରିଥିବା ବେଳେ ସଙ୍ଗୀତଧାରା ସଭାପତି ଡ.ବିଜୟ କୁମାର ଚୌଧୁରୀ, ରଥଚକ ସ୍ଥାପନା କମିଟି ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ ଦାଶ ପ୍ରମୁଖ ପରିଚାଳନା କରିଥିଲେ । ଗୋପୀନାଥ ସେଠି, ଅଶୋକ ମଲ୍ଲ ଭଜନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଲକ୍ଷ୍ମୀଧର ସାହୁ, ପ୍ରଶାନ୍ତ କୁମାର ପଟ୍ଟନାୟକ, ଲକ୍ଷ୍ମୀଧର ମହାପାତ୍ର, ସୁଦର୍ଶନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଶ୍ରଦ୍ଧା କ୍ଷେତ୍ରରେ ସ୍ନାନ ପୂର୍ଣ୍ଣିମା: ମହାପ୍ରଭୁଙ୍କୁ ଗଜାନନ ବେଶରେ ଦର୍ଶନ କଲେ ଭକ୍ତ

ବାଲିଆପାଳ(ନିପ୍ର): ସ୍ନାନ ପୂର୍ଣ୍ଣିମା ଅବସରରେ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ଜଗନ୍ନାଥ ମନ୍ଦିର ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କୁ ଗଜାନନ ବେଶରେ ହଜାର ହଜାର ଭକ୍ତ ଦର୍ଶନ କରିଛନ୍ତି । ଏହା ରଥ ଯାତ୍ରା ଦିନ ସାର୍ବଜନିନ ଦର୍ଶନ ପୂର୍ବର ଶେଷ ଦର୍ଶନ ହୋଇଥିବାରୁ ଭକ୍ତ ମାନେ ପୂର୍ବାହ୍ନରୁ ସନ୍ଧ୍ୟା ଯାଏଁ ମହାପ୍ରଭୁଙ୍କ ଗଜାନନ ବେଶ ମହା ଆନନ୍ଦରେ ଦର୍ଶନ କରିଛନ୍ତି । ସୂଚନା ମୁତାବକ ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ ସୋମବାର ପୂର୍ବାହ୍ନ ୮ ଘଟିକା ସମୟ ରେ ଦେବ ସ୍ନାନ ପୂର୍ଣ୍ଣିମା ଅବସର ରେ ଶ୍ରୀ ଜୀଉଙ୍କ ସ୍ନାନ ଉତ୍ସବ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇ



ଯାଇଛି । ସବୁଦିନ ପରି ପ୍ରାତଃରୁ ଶ୍ରୀ ଜୀଉ ମାନଙ୍କର ନୀତି କ୍ରାନ୍ତି ସମାପନ ପରେ ମନ୍ଦିରରୁ ବଳଭଦ୍ର, ସୁଭଦ୍ରା, ଶ୍ରୀ ଜଗନ୍ନାଥ, ଚକ୍ରରାଜ ସୁଦର୍ଶନ ଙ୍କୁ ଗୋଟି ପହଣ୍ଡିରେ ସ୍ନାନମଣ୍ଡପ କୁ ଅଣାଯାଇ ଥିଲା । ପରେ ଶ୍ରୀ ଜୀଉ ମାନଙ୍କୁ ୧୦୮ କଳସ ଜଳ ଅଣାଯାଇ ସ୍ନାନ କରାଯାଇଥିଲା । ହଜାର ହଜାର ଭକ୍ତ ଶ୍ରୀ ଜୀଉଙ୍କ ସ୍ନାନ ଦର୍ଶନ କରିଥିଲେ । ସ୍ନାନ ପରେ ଶ୍ରୀ ଜୀଉ ଙ୍କୁ ଗଜାନନ ବେଶ କରାଯାଇ ଥିଲା । ରଥ ପୂର୍ବରୁ ମହାପ୍ରଭୁ ଙ୍କ ଏହା ଶେଷ ଦର୍ଶନ ହୋଇ ଥିବରୁ ସଂଧ୍ୟା ଯାଏ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା । ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ଓ ମନ୍ଦିର ର ପୂଜକ ମାନେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ରେ ସମ୍ପାଦନ କରିଥିଲେ ।ସେହିପରି ଖଗଡାପାଳ ସର୍ବ ପୁରାତନ ଜଗନ୍ନାଥ ମନ୍ଦିରର, ମାନ୍ଧାତା ବଜାର ର ଭକ୍ତି କ୍ଷେତ୍ରର ସହିତ ବାଲିଆପାଳ ଅଂଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରରେ ଶ୍ରୀ ଜୀଉଙ୍କୁ ସ୍ନାନ ପୂର୍ବକ ସ୍ନାନପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି ।

# ଝରାଫୁଲ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ



ଯାଜପୁର(ନିପ୍ର): ବହୁ ଚର୍ଚ୍ଚିତ ରମାଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ଝରାଫୁଲ ହତ୍ୟା ଘଟଣାର ରାୟ ପ୍ରକାଶ । ମୁଖ୍ୟ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ ଓ ସହଯୋଗୀଙ୍କୁ ୫ବର୍ଷ ଜେଲଦଣ୍ଡ ପାଇଁ ଶୁଣାଣି କରିଛନ୍ତି ଅତିରିକ୍ତ ଜିଲା ଓ ଦୌରା ଜଜ । କଲେଜ ଛାତ୍ରୀ ଝରାଫୁଲଙ୍କୁ ଭବନେଶ୍ୱର ହୋଟେଲ ରୁମରେ ହତ୍ୟା କରି ଯାଜପୁର ରେ ମୃତଦେହ ଫିଙ୍ଗା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ । ମୁଖ୍ୟ ଅଭିଯୁକ୍ତ ହେଲେ ଏଆର ଫିଲଡ଼ ଥାନା ସୁନ୍ଦରପଦା ଅଂଚଳର ରାକେଶ କୁମାର ସ୍ୱାଇଁ । ୨୦୨୧ ମସିହା ଜାନୁଆରୀ ମାସ ୨୬ ତାରିଖରେ ଭୁବନେଶ୍ୱର ଶିବ ସାଇ ହୋଟେଲ ରୁମରେ ତାଙ୍କ ମହିଳାବନ୍ଧୁଙ୍କୁ ହତ୍ୟାକରି ଏକ ସ୍କୁଟିରେ ଆଣି ଯାଜପୁର ଜିଲ୍ଲା କୁଆଖିଆ ଥାନା ଅନ୍ତର୍ଗତ ମୂଳାପାଳ ନିକଟରେ ରାସ୍ତା କଡ଼ରେ ମୃତଦେହ କୁ ଫିଙ୍ଗି ଦେଇଥିଲେ । ଏ ନେଇ କୁଆଖିଆ ଥାନାରେ ଝରାଫୁଲଙ୍କ ପରିବାର ଲୋକେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ଏହି ଘଟଣାରେ ତିନିଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ଏହି ମାମଲାର ଶୁଣାଣି କରିଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତ । ୨୨ ଜଣଙ୍କ ସାକ୍ଷ ପ୍ରମାଣ ଓ ୩୬ ଗୋଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ଙ୍କୁ ଧାରା ୩୦୨ ଅନୁଯାୟୀ ଆଜୀବନ କାରାଦଣ୍ଡାଦେଶ ସହ ୧ଲକ୍ଷ ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ବିଶେଶ୍ୱର ବିଶ୍ୱ ପ୍ରକାଶ ରାୟ । ଏଥି ସହିତ ଅନାଦୟ ୧୨ମାସ ଅଧିକ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହ ସହଯୋଗୀ ଅଭିଯୁକ୍ତ ଅମରେଶ ରାଉତଙ୍କୁ ପ୍ରମାଣ ନଷ୍ଟ ଅଭିଯୋଗରେ ୫ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ୩ ଅଧିକ ଜେଲ ପାଇଁ ରାୟ ଶୁଣାଣି କରିଛନ୍ତି । ଏହି ମାମଲା କୁ ସରକାରୀ ଓକିଲ ସିତାଂଶୁ ଶେଖର ମହାନ୍ତି ଓ ଅତିରିକ୍ତ ସରକାରୀ କ୍ୟାଡର ଓକିଲ ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଛନ୍ତି । ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ଶକ୍ତି ଶେଖର ସ୍ୱାଇଁଙ୍କ ବିରୋଧରେ କୌଣସି ପ୍ରମାଣ ନ ମିଳିବାରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ମାନ୍ୟବର ଅଦାଲତ । ଅନ୍ୟପଟେ ମାନ୍ୟବର ଅଦାଲତ, ପୋଲିସ ପ୍ରଶାସନ ଓ ସରକାରୀ ଓକିଲଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୃତ ଝରାଫୁଲଙ୍କ ପରିବାର ।

# ଦୀର୍ଘ ବର୍ଷର ମଦଦୋକାନ ସ୍ଥାନାନ୍ତର ଦାବି କାହା ସ୍ୱାର୍ଥରେ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ମ୍ୟୁନିସିପାଲଟି, ୧୨ନଂ ୱାର୍ଡ ଦାସ କଲୋନୀ ସନ୍ନିକଟରେ ଥିବା ମଦଦୋକାନ କୁ ସ୍ଥାନାନ୍ତର ପାଇଁ ବିଭିନ୍ନ ଫୋରମ୍ ରେ ବାରମ୍ବାର ଦାବି ହୋଇ ଆସୁଛି । ଏହାର ସମାଧାନ ନ ହେଲେ ଆସନ୍ତା ୩୦ତାରିଖ ଦିନ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ଧର୍ମା ବସିବେ ବୋଲି ସୂଚନା ଦିଆଯାଇଛି । ୧୨ନଂ ୱାର୍ଡରେ ଏକ ମଦଦୋକାନ ଦୀର୍ଘବର୍ଷ ଧରି ଖୋଲି ଆସୁଅଛି । କାଳକ୍ରମେ କଲୋନୀର ବସତି ଓ ଲୋକେ ସଂଖ୍ୟା ବଢିବା ସହିତ ମଦ ଦୋକାନ ନିକଟରେ ଗୃହ ନିର୍ମାଣ ହେବାରୁ ସେଠାକାର ବାସିନ୍ଦା ସମସ୍ୟାର ପ୍ରସଙ୍ଗ ଉଠାଉଛନ୍ତି । ମଦ ଦୋକାନ ଖୋଲିବା ଆଗରୁ ମହିଳା ମହାବିଦ୍ୟାଳୟ, ଜିକେ ଭଟ୍ଟର ହସ୍‌ପିଟାଲ ଇତ୍ୟାଦି ରହିଥିଲା । ସରକାର ମଦକୁ ପ୍ରସାହନ ଦେଉଥିବା ବେଳେ ଉକ୍ତ ମଦ ଦୋକାନୀ ପୁନଶ୍ଚ ଲାଇସେନ୍ସ ପାଇଛନ୍ତି । ବିକ୍ରି ଅଧିକ ହେବାରୁ ସେଠାକାର ପରିସ୍ଥିତି ଜଟିଳ ହେଉଛି । ସେଠାରେ ମଦ ଦୋକାନ ସହିତ, ଖୋଲା ଖୋଲି ବାର ଚଳାଇବା, ଅନ୍ୟ ଦୋକାନ ସମ୍ମୁଖରେ ରେ ଭିଡ଼ ଯୋଗୁଁ ମଦ୍ୟପ ମାନେ, ଆଡ୍ଡା ଜମାଉଛନ୍ତି । ଫଳରେ କଲୋନୀ ବାସୀନ୍ଦା ଏବଂ ମଦ୍ୟପ ମାନଙ୍କ ସହିତ ବିଭିନ୍ନ ସମୟରେ ମୁହାଁମୁହିଁ ସ୍ଥିତ ସୃଷ୍ଟି ହେଉଛି । ବହୁ କଲୋନୀବାସୀ ମଦ ଦୋକାନ ସ୍ଥାନାନ୍ତର ପାଇଁ ଦାବି କରି ଧର୍ମଘଟ ଚେତାବନୀ ଦେଇଛନ୍ତି । ପ୍ରକାଶ ଯୋଗ୍ୟ ସ୍ଥାନୀୟ ବାସିନ୍ଦା ଙ୍କ ସମସ୍ୟା ସହିତ ରାଜ ନୈତିକ ଉଦ୍ଦେଶ୍ୟ ରଖି ମଦ ଦୋକାନ କୁ ବିରୋଧ ହେଉଥିବା ଚର୍ଚ୍ଚା ହେଉଛି ।ମଦ ଦୋକାନ ଲାଇସେନ୍ସ ରଦ୍ଦ ପରେ ପୁନଃ ନବିକରଣ ଲାଗି ପ୍ରକ୍ରିୟା ଚାଲିଥିବା ବେଳେ କେଉଁ କାରଣରୁ ବିରୋଧ କରାଗଲା ନାହିଁ ।

# ପୀଡ଼ିତାଙ୍କ ପରିବାରକୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ

ବେତନଟୀ(ନିପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ତାରାକୋଟି ଗ୍ରାମର ବୁଧୁନି ସିଂ ଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାର ଅନୁଧ୍ୟାନ ପାଇଁ ମହିଳା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦାଙ୍କ ନେତୃତ୍ୱରେ ମୃତ ମହିଳାଙ୍କ ଘର ବେତନଟୀ ତାରାକାଠି ଗ୍ରାମକୁ ଯାଇ ତାଙ୍କ ପରିବାର ବର୍ଗ ଙ୍କୁ ଭେଟିଥିଲେ । ମୃତ ମହିଳାଙ୍କୁ ସ୍ୱାମୀ ଓ ପରିବାର ବର୍ଗ ନିଜକୁ ଅସୁରକ୍ଷିତ ମଣୁଥିବା କଥା ଟିମ୍ ଆଗରେ ପ୍ରକାଶ କରିଥିଲେ । ବେତନଟୀ ଥାନା ଆଇ ଆଇ ସିଙ୍କୁ ଭେଟି କେଶର



ଅଗ୍ରଗତି ବାବଦରେ ବୁଝିଥିଲେ ଏବଂ ଏସ ପି ମୟୁରଭଞ୍ଜ ଙ୍କୁ ଭେଟି ମୃତ ପରିବାର କୁ ସୁରକ୍ଷା ଏବଂ ଦୋଷୀକୁ ସଠିକ ଭାବେ ତଦନ୍ତ କରି କଠର ଦଣ୍ଡବିଧାନ ପାଇଁ ଦାବି ଜଣାଇ ଥିଲେ ଏହି ପ୍ରତିନିଧି ଦଳ ରେ ଉତର ଓଡିଶା ମହିଳା ବିଜେଡି ସଭାପତି ପ୍ରୀତିନନ୍ଦା କାନୁନଗୋ, ଜିଲ୍ଲା ମହିଳା ସଭାପତି ଦୀପ୍ତିଲତା ମିଶ୍ର, ମହିଳା ନେତ୍ରୀ ବୀଣାପାଣି ସାହୁ, ମହିଳା ବିଜେଡି ରାଜ୍ୟ ସମ୍ପାଦକ ସବିତା ବେହେରା ଏବଂ ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱନାଥ ହେମ୍ବ୍ରମ, ସୁବାସିନୀ ନାଏକ, ସବିତା ଦାଶ ପ୍ରମୁଖଙ୍କ ସହ ବେତନଟୀ ବ୍ଲକ ବିଜେଡି ସଭାପତି ରାଜୀବ ସେନାପତି, ଦୁବାୟ ବେହେରା, ଚୈତନ୍ୟ ଟୁଡୁ, ସମିତି ସଭ୍ୟ କିଶୋର ନାୟକ, ଯୁବ ନେତା ରାଜେନ ଦାଶ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଚିତେଶ୍ୱର ବେହେରା, ବିଶ୍ୱବିଦ୍ୟାଳୟ ଆବାହକ ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




# କାଳିପଲ୍ଲୀ ଚାଷୀଙ୍କୁ ନୂଆ ପରିଚୟ ଦେଉଛି କିଆଫୁଲ

## - ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ସୁଦୃଢ଼ ହେଉଛି ଜୀବିକା

ବ୍ରହ୍ମପୁର (ନି.ପ୍ର.): ଗାଁ ରୁ ସହର ଯାଏ କିଆ ଫୁଲର ବାସ୍ନା ବିଷୟରେ କିଏ ନ ଜାଣେ । ମନ୍ଦିରରେ ଠାକୁର ପୂଜା ଠାରୁ ଆରମ୍ଭ କରି ଘର ସଜ୍ଜା ପର୍ଯ୍ୟନ୍ତ ସବୁଠି ମହକୁ ଥାଏ କିଆ ଫୁଲର ବାସ୍ନା । ସେଥିପାଇଁ କଥା କଥାରେ ଲୋକେ କୁହନ୍ତି, କିଆ ଫୁଲ ପରି ବାସୁଛି । ଏହି ଫୁଲ ଭରପୁର ମାତ୍ରାରେ ଉପଲବ୍ଧ ରହିଛି ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଏବଂ ଏହି ଫୁଲ ଚାଷକରି ଓ ଏହାର ଅତର ପ୍ରସ୍ତୁତ କରି ଲାଭବାନ ହେଉଛନ୍ତି ଅନେକ ଚାଷୀ । ଖାଲି ଯେ କେବଳ ଫୁଲ ଚାଷ କରୁଛନ୍ତି ତା' ନୁହେଁ । ବରଂ ଅନେକ ଏହି କିଆ ବା କେଓ୍ୱଡ଼ା ଫୁଲ ପ୍ରକ୍ରିୟା କରଣ ୟୁନିଟ୍ ପ୍ରତିଷ୍ଠା କରି ଏହାର ଅତର ପ୍ରସ୍ତୁତ କରୁଛନ୍ତି ଏହା ବାହାର ଦେଶକୁ ମଧ୍ୟ ରପ୍ତାନୀ କରୁଛନ୍ତି । ଏହି କ୍ରମରେ, ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳିପଲ୍ଲୀ ଗ୍ରାମର ଯୁବଚାଷୀମାନେ କିଆ ଫୁଲ ଅତର ବ୍ୟବସାୟ ଆରମ୍ଭ କରି ଅଂଚଳ ପାଇଁ ସାଜିଛନ୍ତି ଉଦାହରଣ । ସ୍ଥାନୀୟ ଅଂଚଳରେ ସାମାଜିକ ଉନ୍ନତିମୂଳକ କାର୍ଯ୍ୟ କରିଆସୁଥିବା ଟାଟା ଷ୍ଟିଲ ଫାଉଣ୍ଡେସନର ସହଯୋଗରେ ଏହି ଯୁବଚାଷୀ ମାନେ ସଫଳତାର ସହ ପ୍ରତିଷ୍ଠା କରିଛନ୍ତି ଏକ କିଆ/କେଓ୍ୱଡ଼ା ଫୁଲ ପ୍ରକ୍ରିୟା କରଣ ୟୁନିଟ୍ । ବିଶ୍ୱ ବଜାର, ବିଶେଷ କରି ଆରବ ଦେଶ ଗୁଡ଼ିକରେ ଏହାର ଅନେକ ଚାହିଦା ଥିବାରୁ, ଏହି ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ଏହି ଯୁବଗୋଷ୍ଠୀ । ଫାଉଣ୍ଡେସନର ସହଯୋଗରେ କାଳିପଲ୍ଲୀ ଗାଁରେ ୨୦ଟି ପରିବାରର ୧୧୫ଜଣଙ୍କୁ ନେଇ ଗଠନ କରାଯାଇଛି 'କାଳିପଲ୍ଲୀ ୟୁଥ୍ କେଓ୍ୱଡ଼ା ସୋସାଇଟି' । ୨୦୨୩ ମସିହାଠାରୁ କାର୍ଯ୍ୟକ୍ଷମ ହୋଇଆସୁଥିବା ଏହି ପ୍ରକ୍ରିୟାକରଣ ପ୍ଲା[ ପ୍ରତିଷ୍ଠା ପାଇଁ ଫାଉଣ୍ଡେସନ ଏକକାଳୀନ ଭାବେ ୨୯ ଲକ୍ଷ ୭୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଛି । ସ୍ଥାନୀୟ ସମ୍ବଳର ସୁବିନିଯୋଗ କରି ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସ୍ୱାବଲମ୍ବୀ ହେବାରେ ସହଯୋଗ କରିବା ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ପ୍ରତିବଦ୍ଧ ରହିଛି ଏବଂ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଲୋକମାନଙ୍କୁ ସ୍ଥାୟୀସମୃଦ୍ଧି ଆଡ଼କୁ ଅଗ୍ରସର ହେବାକୁ ସାହାଯ୍ୟ କରୁଛୁ ବୋଲି କହିଛନ୍ତି, ଟାଟା ଷ୍ଟିଲ ଫାଉଣ୍ଡେସନର ଗୋପାଳପୁର ୟୁନିଟ୍ ମୁଖ୍ୟ ଡ. ଜୟନ୍ତ କୁମାର ତ୍ରିପାଠୀ । ସମୂହ ମାଲିକାନା ଓ ଉତରଦାୟିତ୍ୱ ସମ୍ପନ୍ନ ଏହି ଉପକ୍ରମରେ ସାମିଲ ହୋଇ ଫାଉଣ୍ଡେସନ ପକ୍ଷରୁ ପ୍ରକ୍ରିୟାକରଣ ଯନ୍ତ୍ରପାତି ଓ ତମ୍ବା ସାମଗ୍ରୀ ଯୋଗାଇ ଦିଆଯାଇଥିବା ବେଳେ, ସୋସାଇଟି ପକ୍ଷରୁ ଆବଶ୍ୟକ ଭିତିଭୂମୀ ସ୍ଥାପନ କରାଯାଇଛି । ପୂର୍ବରୁ ସୋସାଇଟି ସଦସ୍ୟ ମାନେ କେବଳ କିଆ ଫୁଲ ବିକ୍ରିରେ ସିମୀତ ଥିବାବେଳେ, ଏହି ପ୍ରକ୍ରିୟା କରଣ ୟୁନିଟ୍ ସ୍ଥାପନ ଦ୍ୱାରା ନିଜେ କିଆ ଫୁଲରୁ ଅତର ପ୍ରସ୍ତୁତ କରି ଢେର୍ ଅଧିକ ବ୍ୟବସାୟ କରିପାରୁଛନ୍ତି । ଆଗରୁ ଆମକୁ କିଆ ଫୁଲ ବିକ୍ରି ପାଇଁ ଏଜେ[ ମାନଙ୍କ ଉପରେ ନିର୍ଭର କରିବାକୁ ପଡୁଥିବା ବେଳେ ଏବେ ଆମେ ନିଜେ ଏହାର ପ୍ରକ୍ରିୟା କରଣ କରି ଭଲ



ଲାଭ ପାଇପାରୁଛୁ ବୋଲି କହିଛନ୍ତି କାଳିପଲ୍ଲୀ ୟୁଥ୍ କେଓ୍ୱଡ଼ା ସୋସାଇଟିର ସଭାପତି ବଙ୍ଗାରି ଶ୍ରୀନିବାସ ।

କାଳିପଲ୍ଲୀରେ କେଓ୍ୱଡ଼ା ଉତ୍ପାଦନ ମାର୍ଚ୍ଚରୁ ସେପଟ୍ମ୍ବେର ମାସ ଓ ନଭେମ୍ବରରୁ ଜାନୁଆରୀ ମାସ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ହେଉଥିବା ବେଳେ ଏଥିରେ ସଦସ୍ୟ ମାନଙ୍କର ସମ୍ପୂର୍ଣ୍ଣ ପରିବାର ନିୟୋଜିତ ରହିଥାନ୍ତି । ତେବେ ଗତ ଉତ୍ପାଦନ ଋତୁରେ ୨୨ କେଜି କେଓ୍ୱଡ଼ା ରୁହ୍ (ସୁଗନ୍ଧିତ ତେଲ) ପ୍ରସ୍ତୁତକରି ୨୦ ଲକ୍ଷ ୪୦ ହଜାର ଟଙ୍କାର ଲାଭ ପାଇପାରିଛି ଏହି ସୋସାଇଟି । ଏହି କେଓ୍ୱଡ଼ା ପ୍ରକ୍ରିୟା କରଣ ୟୁନିଟ୍ ସ୍ଥାପନ ଦ୍ୱାରା ଆମର ଆର୍ôଥିକ ଅବସ୍ଥା ଅଧିକ ସୁଦୃଢ଼ ହେବାସହ ଭବିଷ୍ୟତକୁ ନେଇ ଆମର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ବୋଲି କହିଛନ୍ତି ସୋସାଇଟିର ସମ୍ପାଦକ ବି. ଧରମା ରାଓ ।

# ବ୍ୟବସ୍ଥିତ ଏସ୍.ଆଇ.ଆର୍ ପ୍ରକ୍ରିୟାରେ ଯୋଗ୍ୟ ଭୋଟର ଅନ୍ତର୍ଭୁକ୍ତି ସୁନିଶ୍ଚିତ କରାଯାଇଛି

ବ୍ରହ୍ମପୁର, (ନି.ପ୍ର.): ସଠିକ୍ ତଥା ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତିରେ ସମ୍ମିଳିତ ପ୍ରଚେଷ୍ଟା ସ୍ୱରୂପ ଆଜି ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହ ବ୍ରହ୍ମପୁର ଉପଖଣ୍ଡର ଇ.ଆର୍.ଓ ଏବଂ ଏ.ଇ.ଆର୍.ଓ ମାନଙ୍କୁ ସାମିଲ୍ କରି ଏସ୍.ଆଇ.ଆର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ସାମିଲ୍ ହୋଇପାରିନଥିବା ଯୋଗ୍ୟ ଭୋଟରଙ୍କ ଅନ୍ତର୍ଭୁକ୍ତି, ଅଯୋଗ୍ୟ, ମୃତ ଏବଂ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ଭୋଟରଙ୍କୁ ବାଦ୍ ଦେବା, ସାମିଲ୍ ହୋଇପାରିନଥିବା ନୂତନ ଭୋଟରମାନଙ୍କ ଅନ୍ତର୍ଭୁକ୍ତି ନିମନ୍ତେ ବ୍ୟବସ୍ଥା ଅନୁଯାୟୀ ରହିଥିବା ସୁବିଧାସୁଯୋଗର ବ୍ୟାବହାରିକ ଉପଯୋଗ ଉପରେ ଆଲୋଚନା ମୁଖ୍ୟତଃ କେନ୍ଦ୍ରୀଭୂତ ଥିଲା କ୍ଷ ଏହି କ୍ଷେତ୍ରରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି ସମ୍ମିଳନୀରେ ଉପସ୍ଥିତ ପଦାଧିକାରୀ ମତପୋଷଣ କରିଥିଲେ କ୍ଷ ବିଭିନ୍ନ ରାଜନୈତିକ ଦଳ ତରଫରୁ ଯୋଗ ଦେଇଥିବା ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ସେମାନଙ୍କ ଦ୍ୱାରା ଉତ୍?ଥାପିତ ବିଭିନ୍ନ ପ୍ରଶ୍ନଗୁଡିକର ଉତର ମଧ୍ୟ ପଦାଧିକାରୀ ଦେଇଥିଲେ କ୍ଷ ଗତ ମେ ମାସ ୩୦ ତାରିଖରୁ ଆରମ୍ଭ ହୋଇଥିବା ପରିଗଣନା ଫର୍ମ ପୂରଣର ଅବଧି ଚ଼ଳିତ ଜୁନ୍ ମାସ ୨୮ ତାରିଖରେ ଶେଷ ହୋଇଛି କ୍ଷ ଆସନ୍ତା ଜୁଲାଇ ୫ ତାରିଖରେ ପ୍ରକାଶିତ ହେବାକୁ ଥିବା ଚ଼ିଠା ଭୋଟର ତାଲିକା ପ୍ରକାଶନରୁ ଜଣାପଡୁଥିବା ଅସାମଞ୍ଜସ୍ୟତା ଅଥବା ତ୍ରୁଟି ସମ୍ବନ୍ଧରେ ଦାବି ବା ଆପତି ଅଭିଯୋଗ ଜୁଲାଇ ୫ ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାଖଲ ହୋଇପାରିବ କ୍ଷ ଏହା ପରେ ସେପଟ୍ମ୍ବେର ୨ ତାରିଖ ପର୍ଯ୍ୟନ୍ତ ଦାବି କିମ୍ବା ଆପତି ଅଭିଯୋଗର ଶୁଣାଣି ତଥା ବିଚାର ହେବାର ବ୍ୟବସ୍ଥା ଭିତରେ କୌଣସି ଯୋଗ୍ୟ ଭୋଟର ବାଦ୍ ପଡିଯିବା ଏତେ ସହଜ ନୁହେଁ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା କ୍ଷ ବୈଠକରେ ଉପସ୍ଥିତ ଏ.ଡ଼ି.ଏମ୍ (ରାଜସ୍ୱ), ଗଞ୍ଜାମ ଶ୍ରୀ ଦେବଦତ ପଣ୍ଡା, ବ୍ରହ୍ମପୁର ଉପ ଜିଲ୍ଲାପାଳ ଶ୍ରୀ ଅବିନାଶ କୁମାର, ଅତିରିକ୍ତ ଉପ ଜିଲ୍ଲାପାଳ ଶ୍ରୀମତୀ ରୀନା କୁମାରୀ ନାଏକ, ଏ.ଡି.ଏମ୍ (ସେନ୍ସସ୍) ଶ୍ରୀ ସୁନିଲ୍ କୁମାର କେର୍କେଟା ଏବଂ ଡେପୁଟି କଲେକ୍ଟର ଶ୍ରୀ ଅଲେଖ ରଞ୍ଜନ ମହାଙ୍କୁଡଙ୍କ ସମେତ ଇ.ଆର୍.ଓ ଏବଂ ଏ.ଇ.ଆର୍.ଓ ମାନଙ୍କ ବିଷୟ ଭିତିକ ଆଲୋଚନା ସମ୍ମିଳନୀକୁ ସଫଳ କରିବାରେ ସହାୟକ ହୋଇଥିଲା ।

# କୋଲାବିରାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଝାରସୁଗୁଡ଼ା(ନି.ପ୍ର.) ୍ଚ କୋଲାବିରା ଠାରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ଥାନୀୟ ଅଂଚଳର ଜନସାଧାରଣ ସେମାନଙ୍କର ବିଭିନ୍ନ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗକୁ ଶୁଣିବା ସହ ଏହାର ତୁରନ୍ତ ଏବଂ ସମୟଭିତିକ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶୁଣାଣି ଶିବିରରେ ଝାରସୁଗୁଡ଼ା ଉପଜିଲ୍ଲାପାଳ ଶ୍ରୀ ସବ୍ୟସାଚୀ ପଣ୍ଡା, କୋଲାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ



ଅବିନାଶ ଲାକ୍ରା, ତହସିଲଦାର ଶ୍ରୀ ମନୋଜ କୁଜୁର, ଉପ ଆରକ୍ଷୀ ଅଧିକ୍ଷକ, ଝାରସୁଗୁଡା ଶ୍ରୀ ଉମାଶଙ୍କର ସିଂ ଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲାକ୍ରା, ସହକାରୀ ଜ଼ିଲ୍ଲାପାଳ ମୃତ୍ୟୁଞ୍ଜୟ ଶବର ପରିଚାଳନା କରିଥିଲେ । ଶିବିରରେ ମୋଟ ୪୫ଟି ଅଭିଯୋଗ ପତ୍ର ପଞ୍ଜିକରଣ କରାଯାଇଥିଲା । ସେଥିମଧ୍ୟରୁ ୨୮ ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୧୭ ଟି ସାମୂହିକ ଅଭିଯୋଗ ରହିଥିଲା । ଏହା ସହିତ ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୦,୦୦୦/- ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି ଶିବିରରେ ମୁଖ୍ୟତଃ ସ୍ଥାନୀୟ ଅଂଚଳର ପାନୀୟ ଜଳ ସମସ୍ୟା, ଜମି ଜମା ବିବାଦ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା, ରାସ୍ତା ନିର୍ମାଣ ଏବଂ ବିଭିନ୍ନ ଭତା ପେନସନ, ରାସନ କାର୍ଡ,ଆଶୀର୍ବାଦ ଯୋଜନା,ଜମିବାଡ଼ି ସମସ୍ୟା ଭଳି ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା ।

# ୧୭,୨୮୭ ଶିଶୁ ଦୁଇ ବୁନ୍ଦା ପୋଲିଓ ଔଷଧ ଖାଇଲେ

ବୋରିଗୁମ୍ମା(ନି.ପ୍ର.) ଜୁନ,୨୮ ତାରିଖ ହେଉଛି ପୋଲିଓ ଦିବସ ।ସାରା ରାଜ୍ୟରେ ଜନ୍ମ ରୁ ପାଂଚ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ଙ୍କୁ ଦୁଇ ବୁନ୍ଦା ପୋଲିଓ ଦିଆଯାଇଛି ।ଏହି ପରିପ୍ରେକ୍ଷୀରେ ବୋରିଗୁମ୍ମା ବ୍ଲକ ର ୩୧ ଟି ପଂଚାୟତ ର ୧୬୭ ଟି ବୁଥ ରେ ୧୭,୨୮୭ ଜଣ ଶିଶୁ ଦୁଇ ବୁନ୍ଦା ପୋଲିଓ ଔଷଧ ସେବନ କରିଛନ୍ତି ବୋଲି ବିପିଏମ ସସ୍ମିତା ତ୍ରିପାଠୀ ସୂଚନା ପ୍ରଦାନ କରିଛନ୍ତି ।ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଭାରପ୍ରାପ୍ତ ମେଡ଼ିକାଲ ଅଫିସର ଅକ୍ଷୟ କୁମାର କୁଣ୍ଡୁ



ଙ୍କ ନେତୃତ୍ୱରେ ରେ ବ୍ଲକ ର ବିଭିନ୍ନ ସ୍ଥାନରେ ବୁଥ ସ୍ଥାପନ କରି ଜନ୍ମ ରୁ ପାଂଚ ବର୍ଷ ପର୍ଯ୍ୟନ୍ତ ଶିଶୁ ଙ୍କୁ ପୋଲିଓ ଔଷଧ ସେବନ କରାଇଥିଲେ ।ବୋରିଗୁମ୍ମା ଥାନା ସମ୍ମୁଖରେ ପୋଲିଓ ବୁଥ ସ୍ଥାପନ କରାଯାଇଥିଲା ।ସେହି ବୁଥ ରେ ସିଏଚଓ ପୁଲକ କୁମାର ବିଷୋୟୀ,ଏନସିଡି କାଉନସିଲର ଜୋସେଫ କୁମାର ଚେଟି, ଆଶାକର୍ମୀ ମାଳତୀ ନାୟକ ଓ ପଦ୍ମା ପ୍ରଧାନୀ ଉପସ୍ଥିତ ରହି ୨୬୫ ଜଣ ଶିଶୁ ଙ୍କୁ ପୋଲିଓ ଔଷଧ(ଦୁଇ ବୁନ୍ଦା) ସେବନ କରାଇଥିଲେ ।ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନ କାର୍ଯ୍ୟରତ ସମସ୍ତ ସୁପ୍ରଭାଇଜର, ଏଏନଏମ,ଆଶାକର୍ମୀ ସମସ୍ତ ପୋଲିଓ ବୁଥ ରେ ଉପସ୍ଥିତ ରହି ପରିଚାଳନା କରିବା ସହ ସହଯୋଗ କରିଥିଲେ ।

# ଦେବ ସ୍ନାନ ପୂର୍ଣ୍ଣିମା ପରେ ଗଜାନନ ବେଶରେ ଦର୍ଶନ ଦେଲେ କାଳିଆ ଠାକୁର



ରାୟଗଡା (ନି.ପ୍ର) ରାୟଗଡା ସହରର ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଆଜି ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମହାସ୍ନାନ ନୀତି ଭକ୍ତି ଓ ଆଡ଼ମ୍ବରର ସହ ସମ୍ପନ୍ନ ହୋଇଛି । ରାଜ ପୁରୋହିତ ବିରଂଚି ନାରାୟଣ ଦାସ ଓ ଅନ୍ୟ ସେବାୟତ ମାନଙ୍କ ଦ୍ୱାରା ବୈଦିକ ମନ୍ତ୍ରୋଚ୍ଚାରଣ ଓ ପାରମ୍ପରିକ ନିତିକାନ୍ତି ମଧ୍ୟରେ ରତ୍ନ ସିଂହାସନରୁ ଶ୍ରୀଜୀଉମାନଙ୍କୁ ସ୍ନାନ ବେଦୀକୁ ବିଜେ କରାଯାଇଥିଲା । ପରେ ୧୦୮ କଳସ ପବିତ୍ର ସୁବାସିତ ଜଳରେ ମହାସ୍ନାନ ଅନୁଷ୍ଠିତ ହୋଇଥିଲା । ଏହି ପବିତ୍ର ନୀତିକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତମାନେ ମନ୍ଦିର ପ୍ରାଙ୍ଗଣରେ ସମବେତ ହୋଇଥିଲେ । ଘ[ ବାଦ୍ୟ ଓ ସଂକୀର୍ତନରେ ଶ୍ରୀ ଜଗନ୍ନାଥ ପ୍ରେମୀ ତଥା ଭକ୍ତ ମାନେ ଭାବ ବିହ୍ୱଳ ହୋଇ ପଡିଛନ୍ତି । ସ୍ନାନ ନୀତି ପରେ ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନେ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ।ଭକ୍ତଙ୍କ ଦର୍ଶନ ପରେ ଶ୍ରୀଜୀଉ ଅଣସର ଘରକୁ ବିଜେ କରିବେ । ଏହି ସମୟରେ ଅଣସରବର୍ ନୀତି ପାଳନ କରାଯିବ ଏବଂ ପରବର୍ତୀ ସମୟରେ ନବଯୌବନ ଦର୍ଶନ ପରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ଦେବ ସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ସମଗ୍ର ମନ୍ଦିର ପରିସର ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଥିଲା ।

# ରାୟଗଡରେ ଆନ୍ତର୍ଜାତୀୟ 'ଉଦ୍ୟୋମି ଓଡିଶା' ଦିବସ ପାଳିତ

ରାୟଗଡ, (ନି.ପ୍ର.) ସ୍ଥାନୀୟ ଜି.ସି.ଡି ହାଇସ୍କୁଲ ପଡିଆଠାରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡ ତରଫରୁ ଆନ୍ତର୍ଜାତୀୟ ଏମ ଏସ ଏମ୍ ଇ ଦିବସ ପାଳନ ହୋଇଯାଇଛି । ଉକ୍ତ ଅବସରରେ 'ଉଦ୍ୟମୀ ଓଡ଼ିଶା ଏମ ଏସ ଏମ୍ ଇ କାର୍ଯ୍ୟକ୍ରମ' ପାଳନ ହେଉଛି । ଆଜି ତା ୨୭/୦୬/୨୦୨୨ ରିଖ ଠାରୁ ଆସନ୍ତା ୦୧/୦୭/୨୦୨୨ ରିଖ ପର୍ଯ୍ୟନ୍ତ ପାଂଚ ଦିନ ବ୍ୟାପୀ ହେବାକୁ ଥିବା ସେମିନାର ଏବଂ ପ୍ରଦର୍ଶନୀ ମେଳା ଆୟୋଜିତ ହୋଇଛି । ପ୍ରଥମ ଦିବସରେ ମୁଖ୍ୟ ଅତିଥି ରୂପେ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍?ଘାଟନ କରିଥିଲେ । ସାଧାରଣ ପରିଚାଳକ ଶ୍ରୀ ଚିତରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ସ୍ଥାପନ ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ ଏମ ଏସ ଏମ୍ ଇ ର ପ୍ରଚାର ପ୍ରସାରର ମାଧ୍ୟମ ଉପରେ ଆଲୋଚନା କରିଥିବାବେଳେ, ଓରମାସ ର ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ, ବଜାରୀକରଣ ସମ୍ଭାବନା ଉପରେ ବକ୍ତବ୍ୟ ଉପରେ




ଆଲୋକପାତ କରିଥିଲେ । ବରିଷ୍ଠ ବ୍ୟାଙ୍କ ଅଧିକାରୀ ଦେବଦାସ ଲିମା ବ୍ୟାଙ୍କ୍ ଋଣ ସମୟରେ ସିଭିଲ ସ୍କୋର ର ଭୂମିକା ସମ୍ବନ୍ଧ ରେ ଆଲୋକପାତ କରିଥିଲେ ଓବରିଷ୍ଠ ଅବସରପ୍ରାପ୍ତ ସହକାରୀ ଶିଳ୍ପ ଅଧିକାରୀ ଶ୍ରୀ ସବ୍ୟସାଚୀ ସାହୁ ଶିଳ୍ପ ସ୍ଥାପନର ବିଭିନ୍ନ ସୋପାନ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ଉଦ୍ୟୋଗୀ ମାନଙ୍କୁ ପ୍ରାରମ୍ଭିକ ବିଫଳତାରେ ଭାଙ୍ଗି ନ ପଡି ଧୈର୍ଯ୍ୟ ସହିତ କାମ କଲେ ସଫଳ ଉଦ୍ୟୋଗୀ ହେବାକୁ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୪ ଜଣ ସଫଳ ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରବଳ ଖରା ଓ ଅନ୍ୟାନ୍ୟ ସମାନ୍ତରାଳ ସରକାରୀ କାର୍ଯ୍ୟକ୍ରମ ଥିବା ସତ୍ତ୍ୱେ ବହୁ ସଂଖ୍ୟାରେ ଉଦ୍ୟୋଗୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଏ ଆଇ ଓ ବେଦାର୍ଚ୍ଚନ ରାୟ, ସ୍ମୃତିଚନ୍ଦନ ପ୍ରଧାନ, ଚିତରଞ୍ଜନ ମେହେର, ଦୀପକ ହାଁସଦା, ସୂରଜ କଣ୍ଡୁଲାନକ୍ଷ, ଆଇ ପି ଓ ଶ୍ରୀ ସୁବ୍ରତ ପଟ୍ଟନାୟକ ଓ ବରିଷ୍ଠ ସହାୟକ ସୌମିତ୍ର ପଟ୍ଟନାୟକ, ତ୍ରିଲୋଚନ ଦାସ, ଦୀପା ଅଧିକାରୀ ଲକ୍ଷ୍ମୀକାନ୍ତ ଜେନା, ସୁନୀଲ ପ୍ରଧାନ ପରିଚାଳନା କରିଥିଲେ ।

# ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବ୍ରଜରାଜନଗର ବିଧାନସଭା କ୍ଷେତ୍ରର ବିକାଶମୂଳକ ପ୍ରକଳ୍ପର ସମୀକ୍ଷା

ଝାରସୁଗୁଡ଼ା(ନି.ପ୍ର.): ଝାରସୁଗୁଡ଼ା ଡିଆରଡିଏ କାର୍ଯ୍ୟାଳୟରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବ୍ରଜରାଜନଗର ବିଧାନସଭା କ୍ଷେତ୍ରର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ରଜରାଜନଗର ବିଧାନସଭା କ୍ଷେତ୍ରରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ବର୍ତମାନ ସ୍ଥିତି, କାର୍ଯ୍ୟର ଅଗ୍ରଗତି, ସମସ୍ୟା ଏବଂ ଶୀଘ୍ର କାର୍ଯ୍ୟ ସମ୍ପାଦନ ପାଇଁ ଗ୍ରହଣୀୟ ପଦକ୍ଷେପ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ମନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପାରସ୍ପରିକ ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ଉନ୍ନୟନର ସୁଫଳ



ଲୋକଙ୍କ ନିକଟରେ ପହଂଚାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଲୋକାଭିମୁଖୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରି ଯଥାଶୀଘ୍ର ମାନ୍ୟବର ମନ୍ତ୍ରୀଙ୍କ ନିକଟରେ ଦାଖଲ କରିବାକୁ ସେ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିକାଶମୂଳକ କାର୍ଯ୍ୟରେ ଅବହେଳା, ବାଧା ସୃଷ୍ଟି କିମ୍ବା ନିୟମ ଖିଲାପ କରାଗଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଆଖିଦୃଷ୍ଟିଆ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଦୃଢ଼ ଚେତାବନୀ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚଓ୍ୱାଣ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୂର୍ଯ୍ୟାଂଶୁ ରତ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସାମଲ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଝାରସୁଗୁଡ଼ା ଅନୀଲ ଆଚାର୍ଯ୍ୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲଖନପୁର ବିନୟ ପଟେଲ, ନିର୍ବାହୀ ଅଧିକାରୀ, ବ୍ରଜରାଜନଗର ଚନ୍ଦ୍ରମଣି ସ୍ୱାଇଁ, ନିର୍ବାହୀ ଅଧିକାରୀ, ବେଲପାହାଡ଼ ଗୌରବ ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଜଳେଶ୍ୱରର ଯୁବନେତା ଅଞ୍ଜନ କୁମାର ସିଂହଙ୍କୁ ରାଜ୍ୟ ପ୍ରଦେଶ କିସାନ କଂଗ୍ରେସ ସଂଯୋଜକ ଦାୟିତ୍ୱ

ଜଳେଶ୍ୱର (ନି.ପ୍ର) ଜଳେଶ୍ୱର ର ଯୁବ ନେତା ଅଞ୍ଜନ କୁମାର ସିଂହ ଙ୍କୁ ପ୍ରଦେଶ କୃଷକ କଂଗ୍ରେସ ପକ୍ଷରୁ ରାଜ୍ୟ ସଂଯୋଜକ ଦାୟିତ୍ୱ ମିଳିବା ସହିତ କିସାନ କଂଗ୍ରେସ ସଂଗଠନ କୁ ମଜବୁତ କରିବା ସହିତ ସୋସିଆଲ ମେଡ଼ିଆ କୁ ମଜବୁତ କରିବା ପାଇଁ ବିଶେଷ ଦାୟିତ୍ୱ ଅର୍ପଣ କରା ଯାଇଛି ।ରାଜ୍ୟ କିସାନ କଂଗ୍ରେସ ଅଧକ୍ଷ ଅଭୟ ସାହୁବିଜ୍ଞପ୍ତି ଜାରି କରିଛନ୍ତି ।ଏଥି ପାଇଁ ଶ୍ରୀ ସିଂହ ବିରୋଧୀ ଦଳ ର ନେତା ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ କଂଗ୍ରେସ ସଭାପତି ମଲ୍ଲୀକା ଅର୍ଜୁନ ଖଡ଼ଗେ, ପ୍ରିୟଙ୍କା ଗାନ୍ଧୀ,ରାଷ୍ଟ୍ରୀୟ କିସାନ କଂଗ୍ରେସ ଅଧକ୍ଷ ସୁଖପାଲ ସିଂ ଖାଇରା, ପିସିସି ସଭାପତି ଭକ୍ତ ଦାସ,ରାଜ୍ୟ କିସାନ ଅଧକ୍ଷ ଅଭୟ ସାହୁ, ଡ଼ଃ ସ୍ମୃତି ରଞ୍ଜନ ଲେଙ୍କା,ଜଳେଶ୍ୱର କଂଗ୍ରେସ ନେତା ସୁଦର୍ଶନ ଦାସ ଏବଂ ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି ପ୍ରମୁଖ ଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ସିଂହ ଙ୍କ ଘର ରାଇବଣିଆ ଥାନା ଅନ୍ତର୍ଗତ ଓଲମରା ଗ୍ରାମ ରେ ବୋଲି ଜଣା ପଡିଛି ।ଶ୍ରୀ ସିଂହ ପ୍ରକାଶ କରିଛନ୍ତି ଆଗାମୀ ଦିନରେ ରାଜ୍ୟର ଚାଷୀ ଙ୍କ ହକ ଓ ଅଧିକାର କୁ ନେଇ ରାଜରାସ୍ତାରେ ଲଢ଼ିବେ । ସିଏ ପ୍ରଥମେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ର ଯୁବ କଂଗ୍ରେସ ସୋସିଆଲ ମେଡ଼ିଆ ର ସଂଯୋଜକ ଥିଲେ, ଛାତ୍ର କଂଗ୍ରେସ ର ଜିଲ୍ଲା ଝଂକ୍ଟକ୍ଷଙ୍କଭଝରରକ୍ସ, ରାଜ୍ୟ ଯୁବ କଂଗ୍ରେସ ସୋସିଆଲ ମେଡ଼ିଆ ର କାର୍ଯ୍ୟକାରିଣୀ ସଦସ୍ୟ, ରାଜ୍ୟ ସହ ସଂଯୋଜକ ରହିବା ସହିତ ମାଲକାନଗିରି ବରଗଡ ଏବଂ ଗଜପତି ଜିଲ୍ଲା ର ଇନଚାର୍ଜ ଥଲେ, ୨ ଥର କନଭେନର, ୨ ଥର ଚିଫ କନଭେନର, ପଦ୍ମପୁର, ବାଲେଶ୍ୱର ସଦର, ଧାମଗର ଉପ-ନିର୍ବାଚନ ଯୁବ କଂଗ୍ରେସ ସୋସିଆଲ ମେଡିଆର ଷ୍ଟାର ପଚାରକ, ପିସିସି ସୋସିଆଲ ମେଡ଼ିଆ ର ୨ ଥର ଯୁଗ୍ମ ସମ୍ପାଦକ, ଥରେ ସମ୍ପାଦକ ତା ସହିତ ଉତର ଛକ୍ଟଭର ର ଉପସଭାପତି, ଯୁବ କଂଗ୍ରେସ ଆସାମ ସୋସିଆଲ ମେଡ଼ିଆ ସହ-ପ୍ରଭାରୀ, ଆସାମ ଯୁବ କଂଗ୍ରେସ ର ପ୍ରଭାରୀ ସହିତ ନିଖିଳ ଉତ୍କଳ ଚାଷୀ ମୁଲିଆ ସଂଘ ର ଜଳେଶ୍ୱର ବ୍ଲକ ର ସଭାପତି ଏବଂ ରାଜୀବ ଗାନ୍ଧୀ ପଂଚାୟତି ରାଜ ସଂଗଠନ ର ରାଜ୍ୟ ସଂଯୋଜକ ଏବଂ ଯୁବ କଂଗ୍ରେସ ସୋସିଆଲ ମେଡ଼ିଆ ପଶ୍ଚିମବଙ୍ଗ ର ଇନଚାର୍ଜ ଏବଂ ତ୍ରିପୁରା ଯୁବ କଂଗ୍ରେସ ସୋସିଆଲ ମେଡ଼ିଆ ଇନଚାର୍ଜ ଭାବେ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପଦ ପଦବୀ କାମ କରି ଆସିଛନ୍ତି ।


**e-Procurement Notice for Building Works Identification No. 05/ SERW/JLS/2026-27**

25001/544/2627

| | | |
|---|---|---|
| 1. Procurement Officer | :- | Superintending Engineer Rural Works Division, Jaleswar |
| 2. Name of the Work | :- | Buildings |
| 3. Total No. of Works | :- | 22 Nos |
| 4. Estimated Cost | :- | Approx. Estimated Cost ₹.3.36 Lakh to ₹35.76 Lakh |
| 5. Class of Contractor | :- | B Class |
| 6. Time of Completion | :- | Two & Six Calender months ( As per annexure ) |
| 7. Availability of tender On-line for bidding | :- | From 01.07.2026 at 10.00 A.M. to 15.07.2026 upto 05.00 P.M. |
| 8. Last date & time of seeking tender clarification | :- | 14.07.2026 upto 05.00 P.M |
| 9. Date & Time of Opening of tender in the office of the Superintending Engineer, R.W.Division, Jaleswar | :- | Date & Time Opening of Techinical & Financial bid -17.07.2026 at 11.00 A.M. |

Further details can be seen from the web site- www.tendersodisha.gov.in

Sd/-
Superintending Engineer,
R.W.Division, Jaleswar

OIPR.25001/25051/1/26-27/0005

# ଜୁଲାଇ ୪ରେ ଓଡ଼ିଶା ଆସିବେ ଅମିତ ଶାହ



ଭୁବନେଶ୍ୱର : ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଆସନ୍ତା ଜୁଲାଇ ୪ ତାରିଖରେ ସେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୪ ତାରିଖରେ ଝାରସୁଗୁଡା ବିମାନବନ୍ଦରରୁ ସିଧାସଳଖ ବରଗଡ଼ ଆସି ଇଥାନଲ ପ୍ଲାଂଟର ଉଦଘାଟନ କରିବେ ଶାହ । ଏହାପରେ ସେ ସମ୍ବଲପୁର ଯିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ରାତିରହଣୀ କରି ୫ରେ ସମ୍ବଲପୁରରେ ଏକ ସାଧାରଣ ସଭା କରିବେ ଶାହା । ଏହାଛଡା ତାଙ୍କର ସମ୍ବଲପୁରରେ ଆଉ କିଛି ସରକାରୀ ଏବଂ ସଂଗଠନିକ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ବୋଲି ସୂଚନା ଦେଇଛନ୍ତି ବରଗଡ ସାଂସଦ ପ୍ରଦୀପ ପୁରୋହିତ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜ୍ୟ ବିଜେପି ଶିବିର ଏବେଠାରୁ ଚଳଚଂଚଳ ହୋଇପଡ଼ିଛି । ବରଗଡ଼ ଏବଂ ସମ୍ବଲପୁରରେ ଗୃହମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ଦଳୀୟ ସ୍ତରରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପଶ୍ଚିମ ଓଡ଼ିଶାର କର୍ମକର୍ତା ଓ ସମର୍ଥକଙ୍କ ମଧ୍ୟରେ ଏହାକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ଗୃହମନ୍ତ୍ରୀଙ୍କ ଗସ୍ତକୁ ଆଖିରେ ରଖି ସ୍ଥାନୀୟ ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଉଛି । ବରଗଡ଼ ଓ ସମ୍ବଲପୁରର କାର୍ଯ୍ୟକ୍ରମ ସ୍ଥଳୀ ଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି ।

# ଅନ୍‌ଲାଇନରେ ଟଙ୍କା ପଠାଇବା ନିୟମରେ ହେବ ପରିବର୍ତ୍ତନ : ଭାରତୀୟ ରିଜର୍ଭ ବ୍ୟାଙ୍କ




ନୂଆଦିଲ୍ଲୀ : ଡିଜିଟାଲ୍ ପେମେସଟର ବର୍ଦ୍ଧିତ ଧାରା ମଧ୍ୟରେ, ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଅନଲାଇନ୍ ଠକେଇକୁ ରୋକିବା ପାଇଁ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି । ଜଇଓ ପ୍ରସ୍ତାବ ଦେଇଛି ଯେ ୧୦,୦୦୦ ରୁ ଅଧିକ ଅନଲାଇନ୍ ଟ୍ରାନ୍ସଫର ସମ୍ପୂର୍ଣ୍ଣ ହେବା ପୂର୍ବରୁ ଗୋଟିଏ ଘଂଟା ବିଳମ୍ବ ହୋଇପାରେ । ଦେଶର ବ୍ୟାଙ୍କିଙ୍ଗ ଶିଳ୍ପ ଏହି ସୁରକ୍ଷା ପଦକ୍ଷେପକୁ ସମର୍ଥନ କରିଥିବା ବେଳେ, ଏହା ସାଧାରଣ ଲୋକଙ୍କ ସୁବିଧା ଏବଂ ସମ୍ଭାବ୍ୟ ବୈଷୟିକ ଚ୍ୟାଲେଞ୍ଜ ସମ୍ପର୍କରେ ମଧ୍ୟ ଚିନ୍ତା ପ୍ରକାଶ କରିଛି । ବ୍ୟାଙ୍କଗୁଡ଼ିକ ବିଶ୍ୱାସ କରନ୍ତି ଯେ ଏହି ନିୟମ ଠକେଇକୁ ରୋକିବାରେ ସାହାଯ୍ୟ କରିବ, କିନ୍ତୁ ସାଧାରଣ ଲୋକମାନେ ସେମାନଙ୍କର ଦୈନନ୍ଦିନ କାରବାରରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଏପ୍ରିଲରେ ପ୍ରକାଶିତ ଏକ ଆଲୋଚନା ପତ୍ରରେ, RBI ପ୍ରସ୍ତାବ ଦେଇଥିଲା ଯେ ଯେତେବେଳେ କୌଣସି ବ୍ୟକ୍ତିଗତ ଗ୍ରାହକ, ମାଲିକ କିମ୍ବା ସହଭାଗୀ ସଂସ୍ଥା ୧୦,୦୦୦ ରୁ ଅଧିକ ଡିଜିଟାଲ୍ ପେମେଂଟ ଆରମ୍ଭ କରନ୍ତି, ସେତେବେଳେ କାରବାର ସମାପ୍ତ ହେବା ପୂର୍ବରୁ ଗୋଟିଏ ଘଂଟା ବିରତି ଦେବାକୁ ପଡିବ । ଏହି ବିଳମ୍ବ କେବଳ ପ୍ରେରକଙ୍କ (ପ୍ରଦାନକାରୀଙ୍କ) ଦ୍ୱାରରେ ପ୍ରଯୁଜ୍ୟ ହେବ । ବ୍ୟାଙ୍କର କହିବା ଅନୁସାରେ, ଏକ ଘଂଟାର ଏହି ବିଳମ୍ବ ଗ୍ରାହକଙ୍କୁ ଚିନ୍ତା କରିବାର ସୁଯୋଗ ଦେବ ଏବଂ ସେମାନେ ସଠିକ୍ ସ୍ଥାନକୁ ଟଙ୍କା ପଠାଉଛନ୍ତି କି ନାହିଁ ସାବଧାନ ହେବେ । ତେବେ ସମସ୍ତ ପ୍ରକାର କାରବାର ଉପରେ ଏହାକୁ ଅନ୍ଧ ଭାବରେ କାର୍ଯ୍ୟକାରୀ କରାଯିବା ଉଚିତ ନୁହେଁ ବୋଲି ବ୍ୟାଙ୍କିଙ୍ଗ୍ ଜଏଂଟମାନେ ମଧ୍ୟ ସ୍ପଷ୍ଟ କରିଛନ୍ତି । ବୃଦ୍ଧ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଣ୍ଠିକୁ ସୁରକ୍ଷିତ ରଖିବା ପାଇଁ ଜଇଓ ଆଉ ଏକ ବିଶେଷ ପଦକ୍ଷେପ ପ୍ରସ୍ତାବ ଦେଇଛି ।



# ସାର ବଂଟନକୁ ପ୍ରୋତ୍ସାହିତ କରିବା ପାଇଁ ୪୨ କୋଟି ଟଙ୍କାର ସୁଦ୍ଧ ରିହାତି ଯୋଜନା ମଞ୍ଜୁର କଲେ ରାଜ୍ୟ ସରକାର



ଭୁବନେଶ୍ୱର : ସମବାୟ ସମିତିଗୁଡ଼ିକ ଦ୍ୱାରା ସାର ବଂଟନକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ବଡ଼ ପଦକ୍ଷେପ । ୪୨ କୋଟି ଟଙ୍କାର ସୁଦ୍ଧ ରିହାତି ଯୋଜନା ମଞ୍ଜୁର କଲେ ରାଜ୍ୟ ସରକାର । ଚାଷୀମାନଙ୍କୁ ସଠିକ୍ ସମୟରେ ମିଳିବ ସାର । କଳାବଜାରୀ ରୋକିବାକୁ ସମବାୟ ବିଭାଗ ଦ୍ୱାରା ଏକ ନୂତନ ଯୋଜନାର କାର୍ଯ୍ୟକାରିତାକୁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏହା ଦ୍ୱାରା ଚାଷୀମାନଙ୍କୁ ସହଜ ଓ ସୁଗମ ଭାବରେ ସାର ବଂଟନ ହୋଇପାରିବ । ସମବାୟ ବିଭାଗର କମିଶନର ତଥା ସଚିବଙ୍କ ଅଧକ୍ଷତାରେ ଗଠିତ ସ୍ଥାୟୀ ଆର୍ଥିକ କମିଟିର ସୁପାରିଶ ଆଧାରରେ ଏହି ନିଷ୍ପତି ନିଆଯାଇଛି । ଏହି ନୂତନ ଯୋଜନାର ନାମ ହେଉଛି— ‘ସାରର ପୂର୍ବ-ମହଜୁଦ (ପ୍ରି-ପୋଜିସନିଂ) ପାଇଁ କ୍ୟାଶ୍ କ୍ରେଡିଟ୍ ରଣ ଉପରେ ସୁଦ୍ଧ ରିହାତି ।' ଅର୍ଥ ବିଭାଗ ଚଳିତ ଆର୍ଥିକ ବର୍ଷରୁ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଅନୁମୋଦନ ପ୍ରଦାନ କରିସାରିଛି । ଏହି ଯୋଜନା ସମବାୟ ସମିତିଗୁଡ଼ିକର ଏକ ପ୍ରମୁଖ ଆର୍ଥିକ ସମସ୍ୟାର ସମାଧାନ କରିବ । ସାଧାରଣତଃ ଚାଷ ସମୟ ପୂର୍ବରୁ (ଅଗ୍ରୀମ ଭାବେ) ସାର ଆଣି ମହଜୁଦ ରଖିବା ଯୋଗୁଁ ସମିତିଗୁଡ଼ିକ ଉପରେ ମାତ୍ରାଧିକ ସୁଦ୍ଧ ବୋଝ ପଡ଼ିଥାଏ । କ୍ୟାଶ୍ କ୍ରେଡିଟ୍ (ଉଉ) ରଣ ଉପରେ ୧୦୦% ସୁଦ୍ଧ ରିହାତି ପ୍ରଦାନ କରି ରାଜ୍ୟ ସରକାର ଏହି ଆର୍ଥିକ ବାଧାକୁ ଦୂର କରୁଛନ୍ତି । ଯାହାଦ୍ୱାରା ସମବାୟ ସମିତିଗୁଡ଼ିକ ପାଇଁ ସାରର ଅଗ୍ରୀମ ମହଜୁଦ ପ୍ରକ୍ରିୟା ସମ୍ପୂର୍ଣ୍ଣ ସୁଦ୍ଧ-ମୁକ୍ତ ହୋଇପାରିବ । ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟ: ୬୦% ବଜାର ଅଂଶଧନ ହାସଲ ଲକ୍ଷ୍ୟ: ବେସରକାରୀ ଚ୍ୟାନେଲ ଦ୍ୱାରା ହେଉଥିବା ସାରର ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ, ସମବାୟ କ୍ଷେତ୍ର ମାଧ୍ୟମରେ ସାର ବଂଟନ ପରିମାଣକୁ ବର୍ତ୍ତମାନର ୨୫-୩୦% ରୁ ବୃଦ୍ଧି କରି ଖରିଫ ୨୦୨୬ ରୁ ୬୦% କୁ ପହଂଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ଆର୍ଥିକ ବ୍ୟୟବରାଦ: ପାଂଚ ବର୍ଷ ଅବଧି (୨୦୨୬-୨୭ ରୁ ୨୦୩୦-୩୧) ପାଇଁ ସର୍ବମୋଟ ୪୨.୦୦ କୋଟି ଟଙ୍କାର ବଜେଟ୍ ମଞ୍ଜୁର କରାଯାଇଛି, ଯେଉଁଥିରେ ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରାରମ୍ଭିକ ଭାବେ ୫.୦୦ କୋଟି ଟଙ୍କା ଆବଂଟନ କରାଯାଇଛି ।

## ଚଳଚ୍ଚିତ୍ର ନିର୍ମାଣ, ବଂଟନ ଏବଂ ପ୍ରଯୁକ୍ତିବିଦ୍ୟାର ସମନ୍ୱୟକୁ ସଦୃଢ଼ କରିବା ପାଇଁ ତୁରନ୍ତ ସାଂଗଠନିକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଲେ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ: ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଆଜି ଦୁଇଟି ପ୍ରମୁଖ ନିଷ୍ପତି ଗ୍ରହଣ କରିଛନ୍ତି । ଏହି ପଦକ୍ଷେପଗୁଡ଼ିକ ଭାରତୀୟ ଚଳଚ୍ଚିତ୍ର ଶିଳ୍ପର ଅଭିବୃଦ୍ଧିରେ ସହାୟକ ହେବ । ଏହା ସହିତ ସାରା ଦେଶରେ ସିନେମା ହଲ୍ (ସ୍କ୍ରିନ୍) ସଂଖ୍ୟା ବୃଦ୍ଧି କରିବାରେ ମଧ୍ୟ ଏହା ସହାୟକ ହେବ ବୋଲି ଆଶା କରାଯାଉଛି । ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ନିଷ୍ପତି ନିଆଯାଇଛି । ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ହୋଇଥିବା ଏହି ବୈଠକରେ ମନ୍ତ୍ରୀ ଚଳଚ୍ଚିତ୍ର ନିର୍ମାଣ, ବଂଟନ (ଡିଷ୍ଟ୍ରିବ୍ୟୁସନ) ଏବଂ ପ୍ରଯୁକ୍ତିବିଦ୍ୟାର ସମନ୍ୱୟକୁ ସଦୃଢ଼ କରିବା ପାଇଁ ତୁରନ୍ତ ସାଂଗଠନିକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଧ୍ୟୟନ ଗୋଷ୍ଠୀ ଗଠନ ମନ୍ତ୍ରଣାଳୟ ପକ୍ଷରୁ ଏକ ଉଚ୍ଚସ୍ତରୀୟ ଅଧ୍ୟୟନ ଗୋଷ୍ଠୀ ଗଠନ କରାଯାଇଛି । ଶ୍ରୀ ପ୍ରସୂନ ଜୋଶୀ ଏହି ଗୋଷ୍ଠୀର ଅଧକ୍ଷତା କରିବେ । ଏଥିରେ ଚଳଚ୍ଚିତ୍ର ଜଗତର ବିଶେଷଜ୍ଞ ଏବଂ ପ୍ରଯୁକ୍ତିବିଦ୍ୟା ସହଭାଗୀମାନେ ମଧ୍ୟ ସାମିଲ ହେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି ଗୋଷ୍ଠୀ ଭାରତୀୟ ସିନେମା ସମ୍ମୁଖରେ ଥିବା ସୁଯୋଗ ଏବଂ ଆହ୍ୱାନଗୁଡ଼ିକର ଅଧ୍ୟୟନ କରିବ । ଏହା ଚଳଚ୍ଚିତ୍ର କ୍ଷେତ୍ରକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଉପାୟ ସୁଝାଇବ । ଭାରତୀୟ ଚଳଚ୍ଚିତ୍ରକୁ ବିଶ୍ୱସ୍ତରରେ ଅଧିକ ପ୍ରତିଯୋଗିତାମୂଳକ କରିବା ପାଇଁ ମଧ୍ୟ ଏହା ଆବଶ୍ୟକ ପଦକ୍ଷେପ ସୁପାରିଶ କରିବ । ସିନେମା ଏବଂ ପ୍ରେକ୍ଷାଳୟର ନିୟନ୍ତ୍ରଣ ରାଜ୍ୟ ତାଲିକାଭୁକ୍ତ । ସିନେମା ଏବଂ ପ୍ରେକ୍ଷାଳୟ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଅନୁମତି ପାଇଁ ଭିନ୍ନ ଭିନ୍ନ ରାଜ୍ୟ ଭିନ୍ନ ଭିନ୍ନ ନିୟମ ଅନୁସରଣ କରିଥାନ୍ତି । ବିଶେଷ କରି ଛୋଟ ସହର ଏବଂ ଗ୍ରାମାଂଚଳରେ ସିନେମା ଭିତିଭୂମିର ବିକାଶ କ୍ଷେତ୍ରରେ ଏହା ଏକ ପ୍ରମୁଖ ପ୍ରତିବନ୍ଧକ ସାଜିଛି ।

# ପେଟ୍ରୋଲ ଏବଂ ଡିଜେଲ ବିକ୍ରୟ ବଂଟନ ଉପରେ ଅସ୍ଥାୟୀ କଟକଣା ପ୍ରତ୍ୟାହାର କଲେ ସରକାର




ନୂଆଦିଲ୍ଲୀ : ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ୧ ଜୁଲାଇ, ୨୦୨୬ ଠାରୁ ସରକାରୀ କ୍ଷେତ୍ର ତୈଳ ବିପଣନ କମ୍ପାନୀଗୁଡ଼ିକର ଖୁଚୁରା ଦୋକାନ ମାଧ୍ୟମରେ ମୋଟର ସ୍ପିରିଟ୍ ଏବଂ ହାଇ ସ୍ପିଡ୍ ଡିଜେଲ ବିକ୍ରୟ ଏବଂ ବଂଟନକୁ ନିୟନ୍ତ୍ରଣ କରୁଥିବା ଅସ୍ଥାୟୀ ନିୟାମକ ପଦକ୍ଷେପ ପ୍ରତ୍ୟାହାର କରିଛି । ପଶ୍ଚିମ ଏସିଆ ସଙ୍କଟରୁ ସୃଷ୍ଟି ହୋଇଥିବା ବାଧା ସମୟରେ, ସରକାର ପେଟ୍ରୋଲ ଏବଂ ଡିଜେଲର ସ୍ଥିର ଖୁଚୁରା ଦର ବଜାୟ ରଖି ଅନ୍ତର୍ଜାତୀୟ ଇନ୍ଧନ ମୂଲ୍ୟରେ ତୀବ୍ର ବୃଦ୍ଧିରୁ ଖୁଚୁରା ଗ୍ରାହକମାନଙ୍କୁ ସୁରକ୍ଷା ଦେବା ଜାରି ରଖିଥିଲେ । ଏହା ଖୁଚୁରା ଇନ୍ଧନ ମୂଲ୍ୟ ଏବଂ ବଲ୍କ ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ମୂଲ୍ୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ପାର୍ଥକ୍ୟ ସୃଷ୍ଟି କରିଥିଲା । ଫଳସ୍ୱରୂପ, କିଛି ଶିଳ୍ପ, ବାଣିଜ୍ୟିକ ଏବଂ ସଂସ୍ଥାଗତ ଗ୍ରାହକ ଖୁଚୁରା ଦୋକାନ ମାଧ୍ୟମରେ ଇନ୍ଧନ ସଂଗ୍ରହ କରିବା ଆରମ୍ଭ କରିଥିଲେ, ଯାହା ଫଳରେ ପରିବର୍ତ୍ତନ, ଗଚ୍ଛିତ ଏବଂ କଳାବଜାରୀର ଉଦାହରଣ ସୃଷ୍ଟି ହୋଇଥିଲା, ଯାହା ଇନ୍ଧନର ସମାନ ବଂଟନକୁ ପ୍ରଭାବିତ କରିଥିଲା । ଏହି ପରିସ୍ଥିତିର ସମାଧାନ ପାଇଁ, ୧୨ ଜୁନ୍, ୨୦୨୬ ରେ ପ୍ରଚଳିତ ଅସ୍ଥାୟୀ ନିୟାମକ ପଦକ୍ଷେପଗୁଡ଼ିକ, ଖୁଚୁରା ଦୋକାନରେ ପ୍ରତି ଗ୍ରାହକ/ଯାନ ପାଇଁ ପ୍ରତିଦିନ ୨୦୦ ଲିଟର ହାଇ ସ୍ପିଡ୍ ଡିଜେଲ ଅସ୍ଥାୟୀ ସୀମା ସ୍ଥିର କରିଥିଲା ଏବଂ ଶିଳ୍ପ, ପ୍ରତିଷ୍ଠାନ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ଖୁଚୁରା ଦୋକାନ ବଦଳରେ ନିର୍ଦ୍ଦିଷ୍ଟ ଗ୍ରାହକ ପମ୍ପ ମାଧ୍ୟମରେ ଇନ୍ଧନ ସଂଗ୍ରହ କରିବାକୁ ବାଧ କରିଥିଲା । ଏହି ପଦକ୍ଷେପଗୁଡ଼ିକର ଲକ୍ଷ୍ୟ କଳାବଜାରୀ, ମହଜୁଦ ଏବଂ ଡିଜେଲର ବିନିଯୋଗକୁ ରୋକିବା ସହିତ ଖୁଚୁରା ଗ୍ରାହକଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ଥିଲା । ଦେଶରେ ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକର ଯୋଗାଣ ସ୍ଥିତିର ସମୀକ୍ଷା ପରେ, ସରକାର ଏହି ସିଦ୍ଧାନ୍ତରେ ପହଂଚିଛନ୍ତି ଯେ ଜନସ୍ୱାର୍ଥରେ ଅସ୍ଥାୟୀ ନିୟାମକ ପଦକ୍ଷେପଗୁଡ଼ିକ ଆଉ ଆବଶ୍ୟକ ନାହିଁ । ତଦନୁସାରେ, ୧୨ ଜୁନ୍, ୨୦୨୬ ତାରିଖର ଆଦେଶ ୧ ଜୁଲାଇ, ୨୦୨୬ ଠାରୁ ପ୍ରତ୍ୟାହାର କରାଯାଇଛି । ଖୁଚୁରା ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ସହିତ ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବାରେ ଏହି ଅସ୍ଥାୟୀ ପଦକ୍ଷେପଗୁଡ଼ିକ ସାହାଯ୍ୟ କରିଥିଲା । ସେମାନଙ୍କର ପ୍ରତ୍ୟାହାର ଯୋଗାଣ ପରିସ୍ଥିତିରେ ଉନ୍ନତି ଏବଂ ସାଧାରଣ ଯୋଗାଣ ବ୍ୟବସ୍ଥାର ପୁନଃସ୍ଥାପନକୁ ପ୍ରତିଫଳିତ କରେ ।

# ଓଡ଼ିଶାର ବିଏସଏନଏଲ ପେନସନଭୋଗୀଙ୍କ ପାଇଁ ତ୍ରୈମାସିକ ପେନସନ ଅଦାଲତ ଶିବିର ଆୟୋଜନ




ଭୁବନେଶ୍ୱର : ଯୋଗାଯୋଗ ମନ୍ତ୍ରଣାଳୟ, ଦୂରସଂଚାର ବିଭାଗ ଅଧୀନରେ ଥିବା ଯୋଗାଯୋଗ ଆକାଉଂଟସ୍, ଓଡିଶାର କାର୍ଯ୍ୟାଳୟ, ଡିଓଟି ଏବଂ ବିଏସଏନଏଲ ପେନସନଭୋଗୀ/ପରିବାର ପେନସନଭୋଗୀମାନଙ୍କ ପାଇଁ ୨୦୨୬-୨୭ ବର୍ଷ ପାଇଁ ପ୍ରଥମ ତ୍ରୈମାସିକ ପେନସନ ଅଦାଲତ ଏବଂ ପେନସନଭୋଗୀମାନଙ୍କ ଆଉଟରିଚ୍ କାର୍ଯ୍ୟକ୍ରମ-ସହ-LC/DLC ଶିବିର ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମ ହାଇବ୍ରିଡ୍ ମୋଡ୍‌ରେ BSNL, ଢେଙ୍କାନାଳର ପ୍ରମୁଖ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ସିସିଏ କାର୍ଯ୍ୟାଳୟର ପେନସନ ଏବଂ ଚଉଇ ଦଳ ସହିତ ଓଡ଼ିଶା, ନିୟନ୍ତ୍ରକ ଡକ୍ଟର ପ୍ରୀତି ମାହତୋଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା । ଏହି ଅଦାଲତ ଶ୍ରୀ ବିବେକ ବିଶ୍ୱକର୍ମା, ITS, ମହାପ୍ରବନ୍ଧକ, BSNL, ଢେଙ୍କାନାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା, ଯେତେବେଳେ ଶ୍ରୀ ଗଦାଧର ସ୍ୱାଇଁ, ବରିଷ୍ଠ ଆକାଉଂଟସ୍ ଅଧିକାରୀ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପେନସନଭୋଗୀ ସଂଘର ପଦାଧିକାରୀଙ୍କ ସହିତ ନିକଟବର୍ତୀ ଅଂଚଳର ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନେ ଯୋଗ ଦେଇଥିଲେ । ଅଦାଲତ ଏବଂ ଆଉଟରିଚ୍ କାର୍ଯ୍ୟକ୍ରମ-ସହ-ଏଲସି/ଡିଏଲସି ଶିବିରର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ପେନସନଭୋଗୀଙ୍କ ସମସ୍ୟାର ତୁରନ୍ତ ସମାଧାନ । ପୋଷ୍ଟ ଏବଂ ଇ-ମେଲ୍ ମାଧ୍ୟମରେ ପୂର୍ବରୁ ପ୍ରାପ୍ତ ଅଭିଯୋଗ ଏବଂ ଅଧିବେଶନ ସମୟରେ ଗତିଶୀଳ ଭାବରେ ଉଠାଯାଇଥିବା ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ଏବଂ ଘଟଣାସ୍ଥଳରେ ସମାଧାନ କରାଯାଇଥିଲା । ସମାବେଶକୁ ସମ୍ବୋଧିତ କରି, ଶ୍ରୀ ବିବେକ ବିଶ୍ୱକର୍ମା, ଆଇଟିଏସ୍, ଜେନେରାଲ ମ୍ୟାନେଜର, ବିଏସଏନଏଲ, ଢେଙ୍କାନାଳ, ଢେଙ୍କାନାଳ, ଢେଙ୍କାନାଳରେ ପେନସନ ଅଦାଲତ ଆୟୋଜନର ପଦକ୍ଷେପକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଏହି ଅଦାଲତ ଅଂଚଳର ପେନସନଭୋଗୀମାନଙ୍କୁ ସେମାନଙ୍କର ପେନସନ ସମ୍ବନ୍ଧୀୟ ଅଭିଯୋଗ ଉପସ୍ଥାପନ ଏବଂ ସମାଧାନ କରିବା ପାଇଁ ଏକ ପ୍ରଭାବଶାଳୀ ମଂଚ ପ୍ରଦାନ କରିବ । ସେ ପେନସନଭୋଗୀମାନଙ୍କ ସମସ୍ୟାର ସମୟୋଚିତ ସମାଧାନକୁ ସହଜ କରିବା ପାଇଁ ସିସିଏ, ଓଡିଶା କାର୍ଯ୍ୟାଳୟ ସହିତ ପୂର୍ଣ୍ଣ ସହଯୋଗ ଏବଂ ସମନ୍ୱୟ ନିଶ୍ଚିତ କରିଥିଲେ ।

# ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ



ଭୁବନେଶ୍ୱର : ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ଭ୍ରମଣ ସୁବିଧା ଯୋଗାଇଦେବା ଏବଂ ଆଗାମୀ ମାସରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବାକୁ ନିଷ୍ପତି ନିଆଯାଇଛି । ଏହାର ସବିଶେଷ ବିବରଣୀ ନିମ୍ନରେ ଦିଆଗଲା: ଟ୍ରେନ ନଂ ୧୮୪୬୩ ଭୁବନେଶ୍ୱର-କେଏସଆର ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସରେ ୦୧.୦୭.୨୦୨୬ ରୁ ୩୧.୦୭.୨୦୨୬ ପର୍ଯ୍ୟନ୍ତ ଏବଂ ଟ୍ରେନ ନଂ ୧୮୪୬୪ କେଏସଆର ବେଙ୍ଗାଲୁରୁ-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସରେ ୦୨.୦୭.୨୦୨୬ ରୁ ୦୧.୦୮.୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଥ୍ରୀ-ଟାୟାର କୋଚ୍ ସହିତ ଚାଲିବ । ଟ୍ରେନ ନଂ ୧୨୮୧୯ ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ୦୧.୦୭.୨୦୨୬ ରୁ ୨୯.୦୭.୨୦୨୬ ଏବଂ ଟ୍ରେନ ନଂ ୧୨୮୨୦ ଆନନ୍ଦ ବିହାର ଟର୍ମିନାଲ-ଭୁବନେଶ୍ୱର ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ୦୩.୦୭.୨୦୨୬ ରୁ ୩୧.୦୭.୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଥ୍ରୀ-ଟାୟାର କୋଚ୍ ବୃଦ୍ଧି କରାଯିବ । ଟ୍ରେନ ନଂ ୨୨୮୭୯ ଭୁବନେଶ୍ୱର-ତିରୁପତି ଏକ୍ସପ୍ରେସରେ ୦୪.୦୭.୨୦୨୬ ରୁ ୨୫.୦୭.୨୦୨୬ ଏବଂ ଟ୍ରେନ ନଂ ୨୨୮୮୦ ତିରୁପତି-ଭୁବନେଶ୍ୱର ଏକ୍ସପ୍ରେସରେ ୦୫.୦୭.୨୦୨୬ ରୁ ୨୬.୦୭.୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଥ୍ରୀ-ଟାୟାର କୋଚ୍ କୋଚ୍ ସହିତ ଚାଲିବ । ଟ୍ରେନ ନଂ ୧୮୩୦୧ ସମ୍ବଲପୁର-ରାୟଗଡ଼ା ଏକ୍ସପ୍ରେସ ଏବଂ ଟ୍ରେନ ନଂ ୧୮୩୦୨ ରାୟଗଡ଼ା-ସମ୍ବଲପୁର ଏକ୍ସପ୍ରେସରେ ୦୧.୦୭.୨୦୨୬ ରୁ ୩୧.୦୭.୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର କୋଚ୍ ବୃଦ୍ଧି କରାଯିବ । ଟ୍ରେନ ନଂ ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହିରାଖଣ୍ଡ ଏକ୍ସପ୍ରେସରେ ୦୧.୦୭.୨୦୨୬ ରୁ ୩୧.୦୭.୨୦୨୬ ପର୍ଯ୍ୟନ୍ତ ଏବଂ ଟ୍ରେନ ନଂ ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହିରାଖଣ୍ଡ ଏକ୍ସପ୍ରେସରେ ୦୨.୦୭.୨୦୨୬ ରୁ ୦୧.୦୮.୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଥ୍ରୀ-ଟାୟାର କୋଚ୍ ସଂଯୋଗ କରାଯିବ । ଟ୍ରେନ ନଂ ୧୮୪୧୭ ପୁରୀ-ଗୁଣୁପୁର ଏକ୍ସପ୍ରେସରେ ୦୧.୦୭.୨୦୨୬ ରୁ ୩୧.୦୭.୨୦୨୬ ଏବଂ ଟ୍ରେନ ନଂ ୧୮୪୧୮ ଗୁଣୁପୁର-ପୁରୀ ଏକ୍ସପ୍ରେସରେ ୦୨.୦୭.୨୦୨୬ ରୁ ୦୧.୦୮.୨୦୨୬ ପର୍ଯ୍ୟନ୍ତ ଦୈନିକ ଭିତିରେ ଗୋଟିଏ ଏସି ଚେୟାର କାର କୋଚ୍ ବୃଦ୍ଧି କରାଯିବ । ଟ୍ରେନ ନଂ ୨୦୮୩୨ ସମ୍ବଲପୁର-ଶାଳିମାର ଏକ୍ସପ୍ରେସରେ ୦୨.୦୭.୨୦୨୬ ରୁ ୩୦.୦୭.୨୦୨୬ ପର୍ଯ୍ୟନ୍ତ ଏବଂ ଟ୍ରେନ ନଂ ୨୦୮୩୧ ଶାଳିମାର-ସମ୍ବଲପୁର ଏକ୍ସପ୍ରେସରେ ୦୩.୦୭.୨୦୨୬ ରୁ ୩୧.୦୭.୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଦିନଗୁଡ଼ିକରେ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ସହିତ ଚାଲିବ ।

# ଅଲିମ୍ପିକ୍ସ ୨୦୨୮ ପାଇଁ ଯୋଗ୍ୟତା ହାସଲ କଲା ଭାରତୀୟ ମହିଳା କ୍ରିକେଟ୍ ଦଳ



ନୂଆଦିଲ୍ଲୀ : ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସରେ କ୍ରିକେଟ୍‌ର ଐତିହାସିକ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଭାରତୀୟ ମହିଳା କ୍ରିକେଟ୍ ଦଳ ପାଇଁ ଆସିଛି ଖୁସି ଖବର । ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲେ ମଧ୍ୟ ଭାରତୀୟ ଦଳ ଅଲିମ୍ପିକ୍ସ ୨୦୨୮ ପାଇଁ ଯୋଗ୍ୟତା ଅର୍ଜନ କରିଛି । ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ (ଆଇସିସି) ଏବଂ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି (ଆଇଓସି) ପକ୍ଷରୁ ଘୋଷିତ ଯୋଗ୍ୟତା ନିୟମ ଅନୁଯାୟୀ ଏସିଆର ସର୍ବୋଚ୍ଚ ସ୍ଥାନରେ ଥିବା ଯୋଗ୍ୟ ଦଳ ଭାବେ ଭାରତ ସ୍ଥାନ ସୁନିଶ୍ଚିତ କରିଛି । ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସରେ ପୁରୁଷ ଓ ମହିଳା ବର୍ଗରେ ମୋଟ ୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ । ଆଫ୍ରିକା, ଏସିଆ, ୟୁରୋପ ଏବଂ ଓସେନିଆରୁ ଶ୍ରେଷ୍ଠ ଦଳ ସିଧାସଳଖ ଯୋଗ୍ୟତା ହାସଲ କରିବେ । ଏହି ଆଧାରରେ ଭାରତ ସହ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟ ସ୍ଥାନ ପକ୍କା କରିଛନ୍ତି । ଗତବର୍ଷ ଘରୋଇ ମାଟିରେ ଦିନିକିଆ ବିଶ୍ୱକପ୍ ଜିତିବା ପରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ଟି-୨୦ ବିଶ୍ୱକପ୍‌ର ଦାବିଦାର ମନେ କରାଯାଉଥିଲା । ଦଳ ପାକିସ୍ତାନ ଓ ନେଦରଲ୍ୟାଣ୍ଡକୁ ପରାସ୍ତ କରିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା । ଅନ୍ୟପଟେ, ବର୍ତ୍ତମାନର ପୁରୁଷ ଟି-୨୦ ବିଶ୍ୱ ଚାମ୍ପିଅନ୍ ଭାରତୀୟ ଦଳର ଅଲିମ୍ପିକ୍ସ ଯୋଗ୍ୟତା ଏପର୍ଯ୍ୟନ୍ତ ସୁନିଶ୍ଚିତ ହୋଇନାହିଁ । ୨୦୨୬ ଡିସେମ୍ବର ୩୧ ସୁଦ୍ଧା ଆଇସିସି ଟି-୨୦ ରାଙ୍କିଙ୍ଗ ଆଧାରରେ ପୁରୁଷ ଦଳଗୁଡ଼ିକର ଯୋଗ୍ୟତା ନିର୍ଣ୍ଣୟ କରାଯିବ ।

## ପାରା ବ୍ୟାଡ଼ମିଂଟନ ୨୦୨୬: ଓଡ଼ିଶାର ଷ୍ଟାର୍ ଖେଳାଳି ପ୍ରମୋଦ ଭଗତଙ୍କୁ ଡବଲ୍ ପଦକ



ଭୁବନେଶ୍ୱର : ବ୍ରିଟିଶ ଓ ଆଇରିଶ୍ ପାରା ବ୍ୟାଡ୍‌ମିଂଟନ ଇଂଟରନ୍ୟାସନାଲ୍-୨୦୨୬ରେ ଓଡ଼ିଶାର ଷ୍ଟାର୍ ଖେଳାଳି ପ୍ରମୋଦ ଭଗତ ଡବଲ୍ ପଦକ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି । ସେ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍ ୩ରେ ସ୍ୱର୍ଣ୍ଣ ଏବଂ ମିକ୍ସଡ୍ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ । ପୁରୁଷ ବର୍ଗ ଫାଇନାଲ୍ରେ ପ୍ରମୋଦ ସିଧାସଳଖ ୨୩-୨୧, ୨୧-୧୪ ଗେମ୍‌ରେ ନିଜ ଦେଶର ନିତେଶ କୁମାରଙ୍କୁ ପରାସ୍ତ କରିଥିଲେ । ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୪୪ମିନିଟ୍ ସମୟ ଲାଗିଥିଲା । ସେହିପରି ମିକ୍ସଡ୍ ଡବଲ୍ସରେ ମନୀଷାଙ୍କୁ ସାଥୀ କରି ପ୍ରମୋଦ ବ୍ରୋଞ୍ଜ ଜିତିଥିଲେ ।

# ଅଲିମ୍ପିକ୍ସ ଯୋଗ୍ୟତା ମାନଦଣ୍ଡ ଘୋଷଣା କଲା ଆଇସିସି ଭାରତର ପୁରୁଷ ଓ ମହିଳା ଦଳର ସ୍ଥାନ ପକ୍କା




ନୂଆଦିଲ୍ଲୀ : ଦୀର୍ଘ ୧୦୦ ବର୍ଷରୁ ଅଧିକ ସମୟ ପରେ ଅଲିମ୍ପିକ୍ସ ମଇଦାନକୁ କ୍ରିକେଟ୍ ଫେରିବାକୁ ଯାଉଛି । ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍ ସାମିଲ ହୋଇଥିବା ବେଳେ ଏଥିପାଇଁ ଆଇସିସି ସୋମବାର ଦିନ ଯୋଗ୍ୟତା ମାନଦଣ୍ଡ ଘୋଷଣା କରିଛି । ଏହି ମହାକୁମ୍ଭରେ କ୍ରିକେଟ୍ କେବଳ ଟ୍ୱେଂଟି-୨୦ ଫର୍ମାଟ୍‌ରେ ଖେଳାଯିବ । ଉଭୟ ପୁରୁଷ ଓ ମହିଳା ବର୍ଗରେ ମାତ୍ର ୬ଟି ଲେଖାଏଁ ଶ୍ରେଷ୍ଠ ଦଳ ଏଥିରେ ଭାଗନେବେ । ତେବେ ଖୁସିର କଥା ହେଉଛି, ଆଇସିସିର ଏହି ନୂଆ ନିୟମ ଅନୁଯାୟୀ ଭାରତର ଉଭୟ ପୁରୁଷ ଏବଂ ମହିଳା ଦଳ ନିଜ ନିଜର ସ୍ଥାନ ପ୍ରାୟ ପକ୍କା କରିସାରିଛନ୍ତି । ପୁରୁଷ ବର୍ଗ ପାଇଁ ଆଇସିସିର ନିୟମ ହେଉଛି, ୨୦୨୬ ଡିସେମ୍ବର ୩୧ ତାରିଖ ସୁଦ୍ଧା ଆଇସିସି ଟ୍ୱେଂଟି-୨୦ ମାନ୍ୟତା ଅନୁଯାୟୀ ଯେଉଁ ଦଳ ନିଜ ମହାଦେଶରେ ଶୀର୍ଷରେ ଥିବେ, ସେମାନେ ସିଧାସଳଖ ଯୋଗ୍ୟତା ପାଇବେ । ଏହିପରି ଭାବେ ୪ଟି ମହାଦେଶରୁ ୪ଟି ଦଳ ସ୍ଲଟ୍ ପାଇବେ । ବର୍ତ୍ତମାନ ଭାରତୀୟ ପୁରୁଷ ଦଳ ଏସିଆ ମହାଦେଶରେ ୧ ନମ୍ବର ସ୍ଥାନରେ ରହିଛି । ତେଣୁ ଚଳିତ ବର୍ଷ ଶେଷ ସୁଦ୍ଧା ଯଦି ଭାରତ ଏହି ଶୀର୍ଷ ସ୍ଥାନ ବଜାୟ ରଖେ, ତେବେ ଦଳ ସିଧାସଳଖ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିନେବ । ଆୟୋଜକ ଦେଶ ଭାବେ ଆମେରିକାର ସ୍ଥାନ ସୁରକ୍ଷିତ ଥିବା ବେଳେ, ଅବଶିଷ୍ଟ ଦଳ ‘ଗ୍ଲୋବାଲ ଅଲିମ୍ପିକ୍ସ ଯୋଗ୍ୟତା ମ୍ୟାଚ୍' ଖେଳି ଆସିବେ । ଅପରପକ୍ଷରେ, ମହିଳା ବର୍ଗର ଚିତ୍ର ପ୍ରାୟ ସ୍ପଷ୍ଟ ହୋଇଯାଇଛି । ଇଂଲଣ୍ଡରେ ଚାଲିଥିବା ମହିଳା ଟ୍ୱେଂଟି-୨୦ ବିଶ୍ୱକପ୍‌ର ପ୍ରଦର୍ଶନ ଆଧାରରେ ବିଭିନ୍ନ ମହାଦେଶର ଶୀର୍ଷ ଦଳଗୁଡ଼ିକୁ ସିଧାସଳଖ ଟିକେଟ୍ ମିଳିଛି । ଏହି ମାନଦଣ୍ଡ ଅନୁଯାୟୀ ଅଷ୍ଟ୍ରେଲିଆ (ଓସେନିଆ), ଦକ୍ଷିଣ ଆଫ୍ରିକା (ଆଫ୍ରିକା) ଏବଂ ଇଂଲଣ୍ଡ (ୟୁରୋପ) ସେମିଫାଇନାଲରେ ପହଂଚି ପ୍ରାରମ୍ଭିକ ସ୍ଲଟ୍ ଦଖଲ କରିସାରିଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**